ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 12 | 19 - 25 March 2023 | Sambalpur | Page- 8 | Invitation Price Rs.10

## ବିପର୍ଯ୍ୟୟ ବୃଦ୍ଧି ପାଇବା ସହିତ ନୂଆ ପ୍ରକାର ବିପଦ ଦେଖା ଦେଉଛି: ଡକ୍ଟର ପି.କେ ମିଶ୍ର

ନୂଆଦିଲ୍ଲୀ : ସମ୍ପ୍ରତି ବିପର୍ଯ୍ୟୟ ବିପତ୍ତି ବୃଦ୍ଧି ପାଇବା ସହିତ ନୂଆ ପ୍ରକାରର ବିପଦ ଆମ ସମ୍ମୁଖରେ ଉଭା ହେଉଛି । ଏଭଳି ଏକ ସମୟରେ ସ୍ଥାନୀୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ ମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ଜାତୀୟ ମଞ୍ଚ (ଏନପିଡିଆରଆର)ର ତୃତୀୟ ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଡକ୍ଟର ମିଶ୍ର କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଅନୁରୂପ ବିପର୍ଯ୍ୟୟ ବିପତ୍ତି ହ୍ରାସକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛି । ପ୍ରଧାନମନ୍ତ୍ରୀଙ୍କ ୧୦ ସୂତ୍ରୀ ଏଜେଣ୍ଡାରେ ସ୍ଥାନୀୟ କ୍ଷମତା ଓ ରଣନୀତି ପ୍ରସ୍ତୁତି ଏବଂ ବିଶେଷ କରି ବିପର୍ଯ୍ୟୟ ବିପତ୍ତି ପରିଚାଳନାରେ ମହିଳାଙ୍କ ନେତୃତ୍ୱ ଉପରେ ଜୋର ଦିଆଯାଇଛି । ଏହି ଅଧିବେଶନରେ ହୋଇଥିବା ବିଚାରବିମର୍ଶରୁ ଶିକ୍ଷା ଲାଭ କରିବା ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଦଶ ସୂତ୍ରୀ ଏଜେଣ୍ଡା ଓ ସେଣ୍ଡାଇ ଫ୍ରେମଓ୍ୱାର୍କର କାର୍ଯ୍ୟକାରିତା ଦିଗରେ ସହାୟକ ହେବ ।

ଅଂଶୀଦାର ମାନଙ୍କ ଅନୁସରଣ ଲାଗି ଦୁଇଟି ବ୍ୟାପକ ବିଷୟ ସମ୍ପର୍କରେ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ । ରାଜ୍ୟ ଓ ଜିଲ୍ଲା ସ୍ତରରେ ବିପର୍ଯ୍ୟୟ ବିପତ୍ତି ପରିଚାଳନା ବ୍ୟବସ୍ଥାକୁ ପେସାଦାର ସ୍ୱରୂପ ପ୍ରଦାନ କରିବା ଏବଂ ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରୁଥିବା କାର୍ଯ୍ୟକ୍ରମ ଓ ହସ୍ତକ୍ଷେପ ବିକଶିତ କରିବା । ପ୍ରଥମ ବିଷୟବସ୍ତୁ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସମେତ ସବୁ ସ୍ତରରେ ବିପର୍ଯ୍ୟୟ ପ୍ରଶମନ ପରିଚାଳନାର ସମସ୍ତ ଦିଗକୁ ପେଶାଦାର ପ୍ରଶିକ୍ଷଣ ହାସଲ କରିଥିବା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ । ଏଥିରେ ଉଦ୍ଦେଶ୍ୟ ପୂରଣ କରୁଥିବା ବ୍ୟବସ୍ଥା ରହିବା ଆବଶ୍ୟକ । ଆହୁରି ପ୍ରଶାସନିକ ଭିତ୍ତିଭୂମି, ଆଧୁନିକ କାର୍ଯ୍ୟ ପରିସର ଏବଂ ଜରୁରୀକାଳୀନ ଅପରେସନ ସେଣ୍ଟର ଭଳି ଜରୁରୀ ସୁବିଧା ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ପେଶାଦାର ବ୍ୟବସ୍ଥା ଏସଡିଏମଏସ ଏବଂ ଡିଡିଏମଏଗୁଡ଼ିକୁ କଭର କରିବା ଆବଶ୍ୟକ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ଏନଡିଆରଏଫ ଏବଂ ଏସଡିଆରଏଫ ଭଳି ସଂଗଠନ ମୁଣ୍ଡ ଟେକିବା ପରେ ବିପର୍ଯ୍ୟୟ ମୁକାବିଲା ଯେଭଳି ଭାବେ ପେଶାଦାର ହୋଇ ପାରିଛି ଠିକ୍ ସେହିପରି ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ବିପର୍ଯ୍ୟୟ ପ୍ରଶମନକୁ ପେଶାଦାର ସ୍ୱରୂପ ପ୍ରଦାନ କରାଯିବାର




ଆବଶ୍ୟକତା ରହିଛି । ରାଜ୍ୟମାନଙ୍କ ପାଖରେ ଯଥେଷ୍ଟ ସମ୍ବଳ ରହିଛି ଏବଂ ସେମାନଙ୍କୁ ଏନଡିଏମଏ, ଏନଆଇଡିଏମ ଏବଂ ଏନଡି-ଆରଏଫ ଦ୍ୱାରା ସମନ୍ୱିତ ଢଙ୍ଗରେ ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ ମିଶ୍ର କହିଥିଲେ ।

କାର୍ଯ୍ୟକ୍ରମ ବିକାଶ ଉପରେ ଆଧାରିତ ଦ୍ୱିତୀୟ ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମିଶ୍ର କହିଥିଲେ ଯେ, ନୀତି ଓ କାର୍ଯ୍ୟକ୍ରମ ବିକଶିତ କରିବା ସମୟରେ ଆମକୁ ବିଭିନ୍ନ କ୍ଷେତ୍ରରେ କାମ କରିବାର ଆବଶ୍ୟକତା ରହିଛି । ଏଥପାଇଁ ବିପର୍ଯ୍ୟୟ ପ୍ରଶମନ, ପରିବେଶ, ଜଳ ଉତ୍ସ, ଶିକ୍ଷା, ସହରାଞ୍ଚଳ ପ୍ରଶାସନ, କୃଷି ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ମିଳିତ ପ୍ରୟାସ କରିବା ଜରୁରୀ ବୋଲି ସେ କହିଥିଲେ ।

ବିପତ୍ତି ହ୍ରାସ ପାଇଁ ଆମର ନିୟମିତ କାର୍ଯ୍ୟକ୍ରମଗୁଡ଼ିକ କିଭଳି ଭାବେ କାର୍ଯ୍ୟକାରୀ କରିବାକୁ ହେବ ଯେପର୍ଯ୍ୟନ୍ତ ଆମେ ତାହା ଜାଣିପାରିବା ନାହିଁ ସେପର୍ଯ୍ୟନ୍ତ ବିପର୍ଯ୍ୟୟ ବିପତ୍ତି ପ୍ରଶମନକୁ ମୁଖ୍ୟଧାରାକୁ ଆଣିବା ସମ୍ଭବ ନୁହେଁ । ଏହି ପରିପ୍ରେକ୍ଷୀରେ ଉପଯୁକ୍ତ ପରିସ୍ଥିତିକୁ ଧ୍ୟାନରେ ରଖି ଆନ୍ତଃକ୍ଷେତ୍ରୀୟ କାର୍ଯ୍ୟକ୍ରମ ବିକଶିତ କରିବା ଲାଗି ବିଚାର କରିବା ନିମନ୍ତେ ପ୍ରମୁଖ ସଚିବ ଏନଡିଏମଏକୁ ପରାମର୍ଶ ଦେଇଥିଲେ । ବୃତ୍ତିଗତ କାର୍ଯ୍ୟ ଏବଂ କାର୍ଯ୍ୟକ୍ରମ ବିକାଶ ପାଇଁ ଉପଲବ୍ଧ ସମ୍ବଳକୁ ନେଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ଶ୍ରୀ ମିଶ୍ର ଆହୁରି କହିଥିଲେ ଯେ,ବାତ୍ୟା, ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ନିର୍ମାଣ ଭଳି ଘଟଣା କ୍ଷେତ୍ରରେ ପ୍ରଯୁକ୍ତିକୁ ଉପଯୋଗ କରାଯାଇ ବିପର୍ଯ୍ୟୟ ପ୍ରଶମନ ଉପକରଣ ଏବଂ ପଦ୍ଧତିକୁ ଆହୁରି ପ୍ରଭାବୀ କରାଯାଇପାରିବ । ସେ କହିଥିଲେ ଯେ ଆସନ୍ତା ୩ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଆମ ସମସ୍ତେ ଏକାଗ୍ରଚିତ୍ତ ହୋଇ ଏ ଦିଗରେ ଚେଷ୍ଟା କରିବା ଉଚିତ୍ ।

ସେଣ୍ଡାଇ ଫ୍ରେମଓ୍ୱାର୍କର କାର୍ଯ୍ୟକାରିତା ଧିମେଇ ଯାଇଥିବାରୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ସବୁ ଅଂଶୀଦାରମାନଙ୍କୁ ଏ ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ ଆଉ ଗୋଟିଏ ସପ୍ତାହ ମଧ୍ୟରେ ଏହି ଫ୍ରେମଓ୍ୱାର୍କକୁ ଆଠ ବର୍ଷ ପୂରଣ ହେବ । ୧୫ ବର୍ଷର ଅବଧି ବିଶିଷ୍ଟ ଏହି ଫ୍ରେମଓ୍ୱାର୍କର ଅଧାରୁ ଅଧିକ ସମୟ ଶେଷ ହୋଇସାରିଛି, କିନ୍ତୁ ବିଶ୍ୱ ଏହି ଲକ୍ଷ୍ୟ ହାସଲ ଠାରୁ ବହୁ ପଛରେ ପଡ଼ିଯାଇଛି । ଅଧିକ ସହନଶୀଳ ସମୁଦାୟ ସହିତ ଏକ ନିରାପଦ ଦେଶ ଏବଂ ନିରାପଦ ବିଶ୍ୱ ନିର୍ମାଣ ଦିଗରେ କାର୍ଯ୍ୟ କରିବା ଲାଗି ବିପର୍ଯ୍ୟୟ ବିପରି ପ୍ରଶମନ ବ୍ୟବସ୍ଥାକୁ ଆମେ ଆହୁରି ପ୍ରଭାବୀ, ଅଧିକ ମୁକାବିଲା କ୍ଷମ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଥିଲେ ।

## ବରଗଡ଼କୁ କ୍ୟାନସର ମୁକ୍ତ କରାଯାଉ: ଭବାନୀ ହୋତା



ବରଗଡ : ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ ଜିଲ୍ଲାରେ ଦିନକୁଦିନ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏହା ଭାରତର ଦ୍ୱିତୀୟ କ୍ୟାନ୍‌ସର ହବ ପାଲଟିଯାଇଛି । ମୁଖ୍ୟତଃ ଚାଷ ପ୍ରଣାଳୀରେ ରାସାୟନିକ ସାର ଓ କୀଟନାଶକ ଔଷଧର ମାତ୍ରାଧିକ ପ୍ରୟୋଗ ହିଁ କ୍ୟାନସରର କାରଣ ବୋଲି କୁହାଯାଉଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଗବେଷଣାରୁ ଚାଷଜମି ଗୁଡିକରେ ଜମି ଯାଇଥିବା ମାତ୍ରାଧିକ ସୀସା ଓ ପାରଦ ଯୋଗୁଁ ହିଁ କର୍କଟ ରୋଗ ବୃଦ୍ଧି ପାଉଛି ବୋଲି ଗବେଷଣାରୁ ଜଣା ପଡୁଥିବାରୁ ଏହାର ଉଚ୍ଚତର ଗବେଷଣାର ଆବଶ୍ୟକତା ରହିଛି । ସେଥିପାଇଁ ହୀରାକୁଦ କମାଣ୍ଡ ଏରିଆର ସର୍ବୋତ୍କୃଷ୍ଟ ଫଳ ଭାବେ ପରିଗଣନା କରାଯାଉଥିବା ପୂର୍ଣ୍ଣ ସେଚିତ ଅତାବିରା ଓ ଭେଡ଼େନ ବ୍ଲକର ଚାଷଜମି ଗୁଡ଼ିକର କୌଣସି ଉଚ୍ଚତର ସଂସ୍ଥା ଜରିଆରେ ଗବେଷଣା ଓ ପରୀକ୍ଷଣ କରାଯାଇ ବରଗଡ଼କୁ କ୍ୟାନସରମୁକ୍ତ କରାଯାଉ ବୋଲି ସମ୍ବଲପୁରର ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଦାବି କରିଛନ୍ତି ।

ଶ୍ରୀ ହୋତା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ତରଫରୁ କରାଯାଇଥିବା ଗବେଷଣାରୁ ଭେଡ଼େନ ଅଂଚଳର ଜମିରେ ପ୍ରଚୁର ମାତ୍ରାରେ ସୀସା ଓ ପାରଦ ଜମାଥିବା ଅବସ୍ଥାରେ ମିଳିଥିଲା । ମୁଖ୍ୟତଃ ବର୍ଜ୍ୟବସ୍ତୁ ସମେତ ଜଳାଧାରର ଉପର ମୁଣ୍ଡରେ ଥିବା ତାପଜ ବିଦ୍ୟୁତ କେନ୍ଦ୍ର, କୋଇଲାଖଣି ଓ କଳକାରଖାନାରୁ ନିର୍ଗତ ବିଷାକ୍ତ ପଦାର୍ଥ ଓ ବର୍ଜ୍ୟ ଜଳ ଆସି ଇବ୍ ନଦୀ ଓ ମହାନଦୀରେ ସିଧାସଳଖ ମିଶୁଥିବାରୁ ହୀରାକୁଦ ନଦୀବନ୍ଧ ଓ ଉପରୋକ୍ତ ଦୁଇ ନଦୀରେ ବୋହିଆସି ତଳମୁଣ୍ଡ ଭେଡ଼େନରେ ଏଭଳି ସ୍ଥିତି ସୃଷ୍ଟି କରିଥାଇ ପାରେ ବୋଲି ଗବେଷକମାନେ ଅନୁମାନ କରିଛନ୍ତି । ଯଦ୍ୱାରା ଚାଷବାସ ପ୍ରଭାବିତ ହେବା ସହିତ ବିଭିନ୍ନ ରୋଗ ବ୍ୟାପୁଥିବା ବେଳେ ଏଥିପାଇଁ ଅନୁର୍ବର ହୋଇ ଯାଇଥିବା ଜମିରେ ମାତ୍ରାଧିକ ସାର ଓ କୀଟନାଶକର ବହୁଳ ପ୍ରୟୋଗ ଯୋଗୁଁ ବରଗଡ଼ ଜିଲ୍ଲାରେ କର୍କଟ ରୋଗ ଥମିବାର ନାଁ ନେଉନାହିଁ । ତେବେ କର୍କଟ ରୋଗର ନିଦାନ ପାଇଁ ଉତ୍ସର୍ଗୀକୃତ ହସପିଟାଲର ଯେଭଳି ଆବଶ୍ୟକତା ରହିଛି, କର୍କଟର ନିରାକରଣ ଦିଗରେ ଉପଯୁକ୍ତ ଗବେଷଣା ଓ ସଚେତନତା ବଂଟନର ମଧ ଆବଶ୍ୟକତା ରହିଥିବାରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଶ୍ରୀ ହୋତା ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି । ନୂତନ ବୈଜ୍ଞାନିକ ପଦ୍ଧତିରେ କାର୍ସିନୋଜେନିକ ପଦାର୍ଥକୁ ପ୍ରତିହତ କରିବା ପାଇଁ ଅତ୍ୟାଧୁନିକ ପର୍ଯ୍ୟାବରଣ ଓ ବାଇଟେକେନ୍ନୋଲୋଜିର ପ୍ରୟୋଗ ଦ୍ୱାରା କ୍ଷତିକାରକ ପଦାର୍ଥର ଦୂରୀକରଣ କରାଯାଇ ଚାଷଜମି, ଫସଲ ଓ ଜନଜୀବନକୁ ରୋଗମୁକ୍ତ କରାଯାଉ । ବାୟୋରିମେଡ଼ିଏସନ ପଦ୍ଧତିରେ ଲାଭକାରକ ଲିଭିଂ ଅର୍ଗାନିଜମ ଦ୍ୱାରା ବିଷାକ୍ତ ପଦାର୍ଥର ଦୂରୀକରଣ କଲେ କର୍କଟ ଦୂର ହୋଇପାରିବ ବୋଲି ସ୍ପଷ୍ଟ କରି ଶ୍ରୀ ହୋତା ଭେଡ଼େନ ଓ ଅତାବିରାରେ ଏକ ପାଇଲଟ ପ୍ରକଳ୍ପ ପ୍ରାରମ୍ଭ କରିବା ପାଇଁ ଦାବି ଜଣାଇଥିଲେ । ଏହାରି ଅଧିନରେ ଜମି ଓ ଫସଲର ପରୀକ୍ଷା କରାଯାଉ, ପ୍ରତିବନ୍ଧିତ କୀଟନାଶକ ବ୍ୟବହାରକୁ ବନ୍ଦ କରାଯାଉ, ଚାଷୀମାନଙ୍କୁ ଏଥିରୁ ନିବୃତ୍ତ ରଖିବାକୁ ଉପଯୁକ୍ତ ତାଲିମ ଦିଆଯାଉ ଏବଂ ଏହାକୁ ରୋକିବା ପାଇଁ ଏକ ଦୃଢ଼ ଆଇନ ପ୍ରଣୟନ କରାଯାଉ ବୋଲି ଶ୍ରୀ ହୋତା ଦାବି କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ସୋମବେଶ, ଶ୍ରୀବ ଛତର ଓ ସ୍ୱାବଲମ୍ବୀ କାରୀଗର ସଂଘର ଜୟଦେବ ପାଣିଗ୍ରାହୀ ମଂଚାସୀନ ଥିଲେ ।

## ଜାତୀୟ ହୀରାକୁଦ ମହୋତ୍ସବ ଉଦଘାଟିତ





ସମ୍ବଲପୁର : ହୀରାକୁଦ ସ୍ଥିତ ଜବାହର ଉଦ୍ୟାନ ଠାରେ 'ହୀରାକୁଦ ମହୋତ୍ସବ' ଆରମ୍ଭ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼କ୍ଟର ସୁରେଶ ଚନ୍ଦ୍ର ଦଳାଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲ୍ଲାପାଳ ଅନନ୍ୟା ଦାସ, ଏସପି ବି. ଗଙ୍ଗାଧର, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଚୀବ ପ୍ରବୋଧ ରଥ ମଧ ଉପସ୍ଥିତ ଥିଲେ । ପଶ୍ଚିମ ଓଡ଼ିଶାରେ ପ୍ରଥମ ଥର ପାଇଁ କୌଣସି ଜାତୀୟ ସ୍ତର ସାଂସ୍କୃତିକ ଉତ୍ସବ ଆରମ୍ଭ ହୋଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ଆରମ୍ଭ ହୋଇଥିବା ଏହି ଉତ୍ସବ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତି ଦିନ ସନ୍ଧ୍ୟା ୭ ଟାରୁ ୯ ଟା ୩୦ ମିନିଟ ପର୍ଯ୍ୟନ୍ତ ବିଭିନ୍ନ ନୃତ୍ୟ, ଗୀତ ପରିବେଷଣ କରାଯିବ । ଜିଲ୍ଲା ସଂସ୍କୃତି ପରିଷଦ ସମ୍ବଲପୁର ଓ ସମ୍ବଲପୁର ମହାନଗର ନିଗମ ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲିଛି । ସର୍ବ ଭାରତୀୟ ସ୍ତରରେ ସ୍ୱୀକୃତି ପାଇଥିବା ବିଶିଷ୍ଟ ଶିଳ୍ପୀ ଏଥିରେ ସାମିଲ ହୋଇଛନ୍ତି ।

## ଏ ସଂଖ୍ୟାରେ..


କଲେଷ୍ଟୋରଲ ନିୟନ୍ତ୍ରଣ କରେ ଭେଣ୍ଡି


ଭିଟାମିନରେ ଭରପୂର ସେଓ


ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବ ଦହି


ସ୍ୱାସ୍ଥ୍ୟୋପକାରୀ ଷ୍ଟ୍ରବେରି


କ୍ୟାନସର ଆଶଙ୍କା ବୃଦ୍ଧି କରେ ଗରମ ଚା'


ନିମ ଫଳର ଉପକାରିତା

# ଏନ୍ ଏସ୍ ସି ବି ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ




ସମ୍ବଲପୁର: ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସିକତା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସାହିତ୍ୟ ସଂସଦର ଆବାହକ ତଥା ସ୍ନାତକୋତ୍ତର ଓଡ଼ିଆ ବିଭାଗମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ପରିଚାଳନା କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ତଥା ବିଶିଷ୍ଟ ସାହିତ୍ୟି ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟଅତିଥି ଓ ଧମାର ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟ, ସମ୍ବଲପୁରର ଓଡ଼ିଆ ବିଭାଗ ଅଧାପକ ତଥା ବିଶିଷ୍ଟ ଲୋକ ସାହିତ୍ୟ ଗବେଷକ ଏବଂ ଏନ୍.ଏସ୍.ସିବି ମହାବିଦ୍ୟାଳୟର ପୁରାତନ ଛାତ୍ର ଡକ୍ଟର ସିଦ୍ଧାର୍ଥ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆଇକ୍ୟୁଏସି ସେଲ୍‌ର ସଂଯୋଜକ ତଥା ସ୍ନାତକୋତ୍ତର ଇତିହାସ ବିଭାଗମୁଖ୍ୟ ପ୍ରଫେସର ଦୁର୍ଲ୍ଲଭ କୁମାର ସା ଏହି ଅବସରରେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତ, ଅଧାପିକା ମେଞ୍ଜା ପୂର୍ତ୍ତି, ଅଳକା ଲୁଗୁନ୍, ସୁଜିତ ପଧାନ, ମିଲି ସାହୁ, ଉତ୍ତମ କୁମାର ରାଉଳ ପ୍ରମୁଖ ସହାୟତା କରିଥିବାବେଳେ ଅଧାପକ ସନ୍ତୋଷ ରଞ୍ଜନ ବେହେରା, ଅଧାପକ ସୁରେଶ ଏକ୍କା, ଡ. ପ୍ରଶାନ୍ତ କୁମାର ପଣ୍ଡା, ମିନତୀ ଛତ୍ରିଆ, ବୀରସେନ ଦଳାଇ, ସତ୍ୟପ୍ରକାଶ ନନ୍ଦ, ସତ୍ୟପ୍ରକାଶ ଟୁଡ୍ଡୁ, ଶ୍ରଦ୍ଧାଞ୍ଜଳି ଦାଶଙ୍କ ସହିତ ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସାହିତ୍ୟ ସଂସଦର ଅନ୍ୟତମ ସଦସ୍ୟ ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧାପକ ହରିହର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିଏସଏସୟୁଟିରେ ରକ୍ତଦାନ ଶିବିର

ବୁର୍ଲା: ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଏସ.ଏସ.ଜି ଓ ଏନ.ଏନ.ଏସର ସ୍ୱେଚ୍ଛା ସେବୀ ଛାତ୍ରଛାତ୍ରୀ, ଭୀମସାର ରକ୍ତଦାନ କେନ୍ଦ୍ରର ମିଳିତ ଉଦ୍ୟମରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହେଇଯାଇଛି । ଏହି ଶିବିରରେ ମୋଟ୍ ୩୮୩ ଜଣ ରକ୍ତ ଦାନ କରି ଥିଲେ । କୁଳପତି ପ୍ରଫେସର ବଂଶୀଧର ମାଝୀ ଶିବିରର ଉଦଘାଟନ କରି ଥିଲେ । ଅଧାପକ ଓ ଏସ.ଏସ. ଜି. ସଂଯୋଜକ ଡକ୍ଟର ହୃଦାନନ୍ଦ ପ୍ରଧାନ ଏବଂ ଏନ ଏସ ଏସ ସଂଯୋଜିକା ଡକ୍ଟର ନୂତନ ଶାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଚାଲିଥିଲା । ସମ୍ବିତ କୁମାର ନାୟକ ଓ ଜ୍ୟୋତିପ୍ରକାଶ ବରାଳଙ୍କ ନେତୃତ୍ୱରେ ତାଙ୍କ ସହଯୋଗୀ ମାନେ ଶିବିରକୁ ପରିଚାଳନା କରି ଥିଲେ ।



# ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବିଜେପୁର: ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲୋକକଳା ମାଧମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନ ମାନଙ୍କରେ ଅନୁଷ୍ଠିତ ହେଉଛି । ଏଇ ପରିପ୍ରେକ୍ଷୀରେ ବିଜେପୁର ବ୍ଲକ ଅଧିନସ୍ଥ ଜାଗିଁ ଗ୍ରାମପଞ୍ଚାୟତ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ୍, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜାଗିଁ ହାଇସ୍କୁଲ ଲାଗି ଥିବା ମାଉସୀ ମାଁ ମନ୍ଦିର ପ୍ରାଙ୍ଗଣରେ ପାଲା ପରିବେଷଣ ମାଧମରେ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ଲୋକ କଳାକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯକ୍ଷ୍ମା ରୋଗ ଉପରେ ସଚେତନତା ସୃଷ୍ଟି ଏହାର ମୂଳଉଦ୍ଦେଶ୍ୟ । ପରେ ବିଜେପୁର ବସଷ୍ଟାଣ୍ଡ ଓ ବିଜେପୁର ସିଏଚସି ପରିସରରେ ସଚେତନତା ପାଲା ପରିବେଷଣ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମଟି ଏସଟିଏସ ଦେବାଶିଷ ଦେବତା, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳୀ ଦାଶ, ସଞ୍ଜୁକ୍ତା ଷଡ଼ଙ୍ଗୀ, ମହିଳା ସ୍ୱାସ୍ଥ୍ୟକର୍ମୀ ହେମଲତା ମିଶ୍ର, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଅମିତ କୁମାର ସାହୁ,ସିଏଚଓ ପ୍ରଭାସିନୀ ବୁଢ଼ିଆଙ୍କ ତତ୍ୱାବଧାନ ରେ ପରିଚାଳିତ ହୋଇଥିବାବେଳେ ,ଜାଗିଁ ର ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ସମେତ ଗ୍ରାମର ଜନସାଧାରଣ ଏବଂ ପଥଚାରୀ ମାନେ ଯକ୍ଷ୍ମା ସଚେତନତାକୁ ନେଇ ଚାଲିଥିବା ପାଲା ପରିବେଷଣକୁ ବେଶ ଉପଭୋଗ କରିଥିଲେ ।

## ଷ୍ଟାଡିୟମର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଟଙ୍କା ଶୀଘ୍ର ଦିଆଯାଉ

ସମ୍ବଲପୁର : ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୧୯ ମସିହାରେ ୩ କୋଟି ଟଙ୍କାର ପାଣ୍ଠି ପ୍ରଦାନ ପାଇଁ ଘୋଷଣା କରିଥିଲେ । ତେବେ ଅଦ୍ୟାବଧି ଏହି ଟଙ୍କା ମିଳିନାହିଁ । ଫଳରେ ଷ୍ଟାଡିୟମର ଗ୍ୟାଲେରୀର ନିର୍ମାଣ, ହାଇମାଷ୍ଟ ଲାଇଟ୍, କ୍ରୀଡ଼ା ସାମଗ୍ରୀ କିଣା ଆଦି ହୋଇ ପାରୁନାହିଁ । ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ଅର୍ଥ ଶୀଘ୍ର ପ୍ରଦାନ କରିବାକୁ ଶ୍ରମିକ ନେତା ତଥା ଜିଲ୍ଲା କ୍ରୀଡ଼ା ସଂଘର କାଉନସିଲ ସଦସ୍ୟ ରତିକାନ୍ତ ମହାନ୍ତି ପତ୍ର ଲେଖିଛନ୍ତି ।

# ଗାୟତ୍ରୀ ମନ୍ତ୍ରର ମହତ୍ତ୍ୱ

**ଚ**ବିଶ ଅକ୍ଷରର ପରମ ପବିତ୍ର ଗାୟତ୍ରୀ ମନ୍ତ୍ରରେ ଅଗଣିତ ରହସ୍ୟ ଲୁଚି ରହିଛି । ବେଦରେ ଯେଉଁ ଆଦରର ସହିତ ଏହି ମନ୍ତ୍ରର ଉଲ୍ଲେଖ ହୋଇଛି, ସେଥିରୁ ଏହାର ବିଶିଷ୍ଟତାର ବୋଧ ହୋଇଥାଏ । ଏହାର ବିଶିଷ୍ଟ କ୍ଷମତା କାରଣରୁ ହିଁ ଅଥର୍ବବେଦ ଏହାକୁ ସମସ୍ତ ମନ୍ତ୍ର ସଭାର ମୂଳ ଅର୍ଥାତ୍ ବେଦମାତା କହିଛି ।

ମନ୍ତ୍ର ରୂପେ ଗାୟତ୍ରୀ ମହାମନ୍ତ୍ରକୁ ଭାରତୀୟ ଆଧାତ୍ମିକ ପରମ୍ପରାରେ ସବୁଠାରୁ ପବିତ୍ର ମନ୍ତ୍ର ମନେକରାଯାଏ, ଯାହାକୁ ଆଦି ମନ୍ତ୍ର, ଗୁରୁମନ୍ତ୍ର, ମହାମନ୍ତ୍ରର ସଂଜ୍ଞା ଦିଆଯାଇଛି ଏବଂ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଉପନୟନ, ଦୀକ୍ଷା ସମୟରେ ଏହାରି ମାଧମରେ ଯୁଗ ଯୁଗ ଧରି ମନ୍ତ୍ର ସଂସ୍କାର ସମ୍ପନ୍ନ ହୋଇ ଆସୁଛି ।

ଗାୟତ୍ରୀ ମନ୍ତ୍ରରେ ମୂଳତଃ ଏକ ପ୍ରାର୍ଥନା ବି ରହିଛି, ଯେଉଁଥିରେ ସମସ୍ତଙ୍କ ପାଇଁ ସଦ୍‌ବୁଦ୍ଧିର ପ୍ରାର୍ଥନା କରାଯାଇଛି । ତା ସହିତ ଏହାର ଦେବତା ହେଉଛନ୍ତି ସବିତା, ଯାହାଙ୍କର ଧାନ ପ୍ରାତଃକାଳୀନ ଉଦୀୟମାନ ସ୍ୱର୍ଣ୍ଣିମ ସୂର୍ଯ୍ୟ ରୂପେ କରାଯାଏ । ଏହି ରୂପରେ ଗାୟତ୍ରୀ ମହାମନ୍ତ୍ର ଏକ ସାର୍ବଭୌମ ମନ୍ତ୍ର । ଯାହାର ମହତ୍ତ୍ୱକୁ ବର୍ତ୍ତମାନ ଆସ୍ଥା ସଂକଟ ମଧରେ ଗତି କରୁଥିବା ସାଂସ୍କୃତିକ ସଂଘର୍ଷପୂର୍ଣ୍ଣ ଏହି ଦୁର୍ବୁଦ୍ଧି ପ୍ରଧାନ ଯୁଗରେ ଉତ୍ତମ ରୂପେ ବୁଝାଯାଇପାରେ ।

ପ୍ରତ୍ୟେକ ଯୁଗରେ ଗାୟତ୍ରୀ ମନ୍ତ୍ର ସନ୍ଦର୍ଭରେ ଋଷି- ମନୀଷୀମାନଙ୍କର ବିଶିଷ୍ଟ ଭାବ ରହିଛି । ଶ୍ରୀମଦ୍ ଭଗବଦ୍ ଗୀତା (୧୦.୩୫)ରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଛନ୍ଦଗୁଡିକ ମଧରେ ମୁଁ ହେଉଛି ଗାୟତ୍ରୀ । ଏହି ପରି ଛାନ୍ଦୋଗ୍ୟ ଉପନି ଷଦ୍ (୩.୧୨.୧)ରେ ଲେଖାଯାଇଛି – ଏ ବିଶ୍ୱରେ ଯାହା କିଛି ଅଛି, ସେସବୁ ଗାୟତ୍ରୀମୟ । ଋଷି ବିଶ୍ୱାମିତ୍ରଙ୍କ ମତରେ ଗାୟତ୍ରୀ ସମାନ ମନ୍ତ୍ର ଚାରି ବେଦରେ ନାହିଁ । ସମସ୍ତ ବେଦ, ଯଜ୍ଞ, ଦାନ, ତପ ଗାୟତ୍ରୀ ମନ୍ତ୍ରର ଏକ କଳା ସମାନ ବି ନୁହେଁ ।

ଋଷି ମନୁଙ୍କ ଅନୁସାରେ ବ୍ରହ୍ମା ତିନି ବେଦର ସାର ରୂପେ ତିନି ଚରଣ ବିଶିଷ୍ଟ ଗାୟତ୍ରୀ ମନ୍ତ୍ର ବାହାର କଲେ । ଗାୟତ୍ରୀ ଠାରୁ ବଳି ପବିତ୍ରକାରୀ ଅନ୍ୟ କୌଣସି ମନ୍ତ୍ର ନାହିଁ । ଯୋଗୀରାଜ ଯାଜ୍ଞବଲ୍‌କ୍ୟଙ୍କ ଶବ୍ଦରେ, ବେଦର ସାର ଉପନିଷଦ୍ ଏବଂ ଉପନିଷଦର ସାର ବ୍ୟାହୃତିଗୁଡିକ ସମେତ ଗାୟତ୍ରୀ ହିଁ ଅଟେ । ଗାୟତ୍ରୀ ବେଦର ଜନନୀ, ପାପନାଶିନୀ, ଏହାଠାରୁ ବଳି ପବିତ୍ରକାରୀ ଅନ୍ୟ କୌଣସି ମନ୍ତ୍ର ସ୍ୱର୍ଗ ଓ ପୃଥିବୀରେ ନାହିଁ ।

ଏହିପରି ଅତ୍ରି ମୁନିଙ୍କ କଥନ ହେଉଛି ଗାୟତ୍ରୀ ଆତ୍ମାର ପରମ ଶୁଦ୍ଧିକାରୀ ହୋଇଥାଏ । ତାହାର ପ୍ରତାପରେ କଠିନ ଦୋଷ ଓ ଦୁର୍ଗୁଣ ଗୁଡିକର ପରିମାର୍ଜନ ହୋଇଯାଏ । ଯେଉଁ ମନୁଷ୍ୟ ଗାୟତ୍ରୀ ତତ୍ତ୍ୱକୁ ଉତ୍ତମ ରୂପେ ବୁଝିନିଏ, ତା'ପାଇଁ ଏ ସଂସାରରେ କୌଣସି ସୁଖ ବାକି ରହେ ନାହିଁ ।

ମହର୍ଷି ବ୍ୟାସଙ୍କ ଶବ୍ଦରେ, ଯେପରି ପୁଷ୍ପର ସାର ମହୁ, ଦୁଗ୍ଧର ସାର ଘୃତ, ସେହିପରି ସମସ୍ତ ବେଦର ସାର ଗାୟତ୍ରୀ । ସିଦ୍ଧ କରାଯାଇଥିବା ଗାୟତ୍ରୀ କାମଧେନୁ ସମାନ ।

ମହର୍ଷି ବଶିଷ୍ଠଙ୍କ ଅନୁସାରେ ମନ୍ଦମତି, କୁମାର୍ଗଗାମୀ ଓ ଅସ୍ଥି ର ମତି ସମ୍ପନ୍ନ ବ୍ୟକ୍ତି ମାନେ ମଧ ଗାୟତ୍ରୀର ପ୍ରଭାବରେ ଉଚ୍ଚ ପଦ ପ୍ରାପ୍ତ କରନ୍ତି, ତାପରେ ସେମାନଙ୍କର ସଦ୍‌ଗତି ହେବା ନିଶ୍ଚିତ । ଯେଉଁମାନେ ପବିତ୍ରତା ଓ ସ୍ଥିରତାପୂର୍ବକ ଗାୟତ୍ରୀର ଉପାସନା କରନ୍ତି, ସେମାନେ ଆତ୍ମଲାଭ ପ୍ରାପ୍ତି କରନ୍ତି ।

ନାରଦ ମୁନିଙ୍କ କଥନ ହେଉଛି, ଗାୟତ୍ରୀ ଭକ୍ତିର ହିଁ ସ୍ୱରୂପ । ଯେଉଁଠି ଭକ୍ତି ରୂପୀ ଗାୟତ୍ରୀ ରହିଛି, ସେଠାରେ ଶ୍ରୀ ନାରାୟଣଙ୍କ ନିବାସ ଥିବାରେ କୌଣସି ସନ୍ଦେହ କରିବା ଅନୁଚିତ । ଏହିପରି ଆଧୁନିକ ଋଷି- ମନୀଷୀ ଓ ମହାମାନବ ମଧ ମୁକ୍ତ କଣ୍ଠରେ ଗାୟତ୍ରୀ ଶକ୍ତିର ମାହାତ୍ମ୍ୟ ବଖାଣି ଥାଆନ୍ତି ।

ଲୋକମାନ୍ୟ ତିଳକ କହିଛନ୍ତି – ଭାରତୀୟ ପ୍ରଜା ଯେଉଁ ବହୁ ମୁଖୀ ଦାସତାର ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି, ସେଥି ପାଇଁ ଆତ୍ମା ଭିତରେ ପ୍ରକାଶ ଉତ୍ପନ୍ନ ହେବା ଉଚିତ, ଯଦ୍ୱାରା ସତ୍ ଓ ଅସତ୍ରର ବିବେକ ହେବ, କୁମାର୍ଗ ଛାଡି ଶ୍ରେଷ୍ଠମାର୍ଗରେ ଚାଲିବାର ପ୍ରେରଣା ମିଳିବ ଏବଂ ଗାୟତ୍ରୀ ମନ୍ତ୍ରରେ ହିଁ ଏହି ଭାବନା ବିଦ୍ୟମାନ ।

କବୀ ରବୀନ୍ଦ୍ରନାଥ ଠାକୁରଙ୍କ ମତରେ ଭାରତବର୍ଷକୁ ଜାଗ୍ରତ କରିବାର ଯେଉଁ ମନ୍ତ୍ର ରହିଛି, ତାହା ଏତେ ସରଳ ଯେ ଗୋଟିଏ ଶ୍ୱାସରେ ତାହାର ତାହାର ଉଚ୍ଚାରଣ କରାଯାଇପାରେ । ତାହା ହେଉଛି- ଗାୟତ୍ରୀ ମନ୍ତ୍ର । ଏହିପରି ଡ. ଏସ୍. ରାଧାକୃଷ୍ଣନଙ୍କ ଶବ୍ଦରେ- ଯଦି ଆମେ ଏହି ସାର୍ବଭୌମିକ ପ୍ରାର୍ଥନା ଗାୟତ୍ରୀ ଉପରେ ବିଚାର କରିବା, ତାହେଲେ ଆମେ ଜାଣି ପାରିବା ଯେ ବାସ୍ତବରେ ଏହା କେତେ ବଳିଷ୍ଠ ଲାଭ ଦେଇଥାଏ । ଗାୟତ୍ରୀ ଆମ ମଧରେ ପୁନଶ୍ଚ ଜୀବନର ସ୍ରୋତ ଉତ୍ପନ୍ନକାରୀ ଆକୁଳ ପ୍ରାର୍ଥନା ଅଟେ ।

ମଦନମୋହନ ମାଲବ୍ୟଙ୍କ ଶବ୍ଦରେ– ଋଷିମାନେ ଯେଉଁ ଅମୂଲ୍ୟ ରତ୍ନ ଆମକୁ ଦେଇଛନ୍ତି, ତନ୍ମଧରୁ ଏକ ଅନୁପମ ରତ୍ନ ହେଉଛି ଗାୟତ୍ରୀ । ଗାୟତ୍ରୀ ଦ୍ୱାରା ବୁଦ୍ଧି ପବିତ୍ର ହୋଇଥାଏ । ଆତ୍ମାରେ ଈଶ୍ୱରଙ୍କ ପ୍ରକାଶ ଅବତରଣ କରିଥାଏ । ତା ସହିତ ଏହା ଭୌତିକ ଅଭାବଗୁଡିକୁ ଦୂର କରିଥାଏ । ସ୍ୱାମୀ ବିଶୁଦ୍ଧାନନ୍ଦଙ୍କ ଅନୁସାରେ- ଆତ୍ମକଲ୍ୟାଣ ସକାଶେ ଆତ୍ମାର ଶୁଦ୍ଧି ଆବଶ୍ୟକ । ମନର ଶୁଦ୍ଧି ନିମନ୍ତେ ଗାୟତ୍ରୀ ମନ୍ତ୍ର ଅଦ୍ଭୁତ । ଈଶ୍ୱର ପ୍ରାପ୍ତି ହେତୁ ଗାୟତ୍ରୀ ଜପକୁ ପ୍ରଥମ ଶିଡି ମାନିବା ଉଚିତ ।

ମହର୍ଷି ରମଣଙ୍କ ମତରେ ଯୋଗ ବିଦ୍ୟା ଅନ୍ତର୍ଗତ ମନ୍ତ୍ର ବିଦ୍ୟା ବଡ ପ୍ରବଳ । ମନ୍ତ୍ରଗୁଡିକର ଶକ୍ତି ଦ୍ୱାରା ଅଦ୍ଭୁତ ସଫଳତା ମିଳିଥାଏ । ଗାୟତ୍ରୀ ଏଭଳି ଏକ ମନ୍ତ୍ର, ଯଦ୍ୱାରା ଆଧାତ୍ମିକ ଓ ଭୌତିକ ଦୁଇ ପ୍ରକାର ଲାଭ ମିଳିଥାଏ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କହିବା ଅନୁସାରେ ଗାୟତ୍ରୀର ମହିମା ବର୍ଣ୍ଣନ କରିବା ମନୁଷ୍ୟର ସାମର୍ଥ୍ୟ ବାହାରେ ଆତ୍ମପ୍ରାପ୍ତି କରିବାର ଦିବ୍ୟଦୃଷ୍ଟି ଯେଉଁ ବୁଦ୍ଧିରୁ ପ୍ରାପ୍ତ ହୋଇଥାଏ, ତାହାର ପ୍ରେରଣା ଗାୟତ୍ରୀ ଦ୍ୱାରା ହୋଇଥାଏ । ଗାୟତ୍ରୀ ଆଦିମନ୍ତ୍ର । ତାହାର ଅବତାର ପାପଗୁଡିକୁ ନଷ୍ଟ କରିବା ଓ ସତ୍ୟର ଅଭିବର୍ତ୍ତନ କରିବା ପାଇଁ ହୋଇଛି ।

ବେଦରେ ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କୁ ଏହି ମନ୍ତ୍ରର ଦ୍ରଷ୍ଟା ଋଷି ହେବାର ଗୌରବ ପ୍ରାପ୍ତ ହୋଇଛି ।

ଗାୟତ୍ରୀର ପ୍ରଥମ ଅକ୍ଷର ଓଁ ପରବ୍ରହ୍ମଙ୍କ ଶବ୍ଦ ଶରୀର, ମୂଳସ୍ୱରୂପ ଅଟେ । ଭୂଃ ଭୁବଃ ସ୍ୱଃ- ଅର୍ଥାତ୍ ପରମାତ୍ମା ତିନି ଲୋକରେ ବ୍ୟାପ୍ତ ସର୍ବବ୍ୟାପୀ ଅଟନ୍ତି । ତତ୍ ସର୍ବତୁଃ ବରେଣ୍ୟଂ- ଅର୍ଥାତ୍ ଆମେ ସେହି ବ୍ରହ୍ମସ୍ୱରୂପ ସବିତା ଦେବତାଙ୍କର ବରଣ କରୁଅଛୁ ତଥା ଭର୍ଗୋ ଦେବସ୍ୟ ଧୀମହି- ଅର୍ଥାତ୍ ତାହାର ପାପନାଶକ ଭର୍ଗ ବା ତେଜ, ଦିବ୍ୟ ସ୍ୱରୂପର ଧାନ କରୁଅଛୁ, ଧାରଣ କରୁଅଛୁ । ଧିୟୋ ଯୋ ନଃ ପ୍ରଚୋଦୟାତ୍ – ଅର୍ଥାତ୍ ଯାହା ଆମର ବୁଦ୍ଧିକୁ ସନ୍ମାର୍ଗରେ ପ୍ରେରିତ କରିବ ।

ସୂକ୍ଷ୍ମଦର୍ଶୀଙ୍କ ମତରେ ଗାୟତ୍ରୀ ମନ୍ତ୍ରର ୨୪ ଅକ୍ଷର ଶରୀରର ସୂକ୍ଷ୍ମଚକ୍ର, ଉପତ୍ୟକା ଓ ମର୍ମସ୍ଥଳରେ ଏକ ପ୍ରକାରେ ପ୍ରହାର କରି ଏଗୁଡିକୁ ଚୈତନ୍ୟ କରିଥାଏ, ଯଦ୍ୱାରା ଏଗୁଡିକର ସୁପ୍ତ ଶକ୍ତିର ଜାଗରଣର କ୍ରମ ଆରମ୍ଭ ହୋଇଥାଏ, ସାଧକର ବ୍ୟକ୍ତିତ୍ୱରେ ଅଦ୍‌ଭୁତ ରୂପାନ୍ତରଣ ହୋଇଥାଏ ତଥା ବ୍ୟକ୍ତିତ୍ୱ ଭୌତିକ ଓ ଆଧାତ୍ମିକ, ଉଭୟ ଦୃଷ୍ଟିରୁ ସମ୍ପନ୍ନ ହୋଇଥାଏ ।

ଗାୟତ୍ରୀ ସାଧନାର ଫଳଶ୍ରୁତି ବିଷୟରେ ବେଦରେ କୁହାଯାଇଛି – ସ୍ତୁତ ମୟା ବରଦ । ବେଦ ମାତ ପ୍ରଚୋଦୟନ୍ତାଂ ପାବମାନୀ ଦ୍ୱିଜାନାମ୍ । ଆୟୁ, ପ୍ରାଣଂ, ପ୍ରଜା, ପଶୁ, କୀର୍ତ୍ତିଂ, ଦ୍ରବିଣଂ, ବ୍ରହ୍ମବର୍ଚ୍ଚସମ୍ । ମହ୍ୟ ଦତ୍ତା ବ୍ରଜତ ବ୍ରହ୍ମଲୋକମ୍ । ।

ଅର୍ଥାତ୍– ଗାୟତ୍ରୀ ସାଧନା ସାଧକକୁ କେବଳ ଭୌତିକ ଆୟୁ, ପ୍ରଜାବଳ, ଧନବଳ, କୀର୍ତ୍ତି ଆଦି ନୁହେଁ, ବରଂ ଆଧାତ୍ମିକ ଯଥା- ବ୍ରହ୍ମବର୍ଣସରେ ମଧ ସମ୍ପନ୍ନ କରିଥାଏ । କହିବାର ଅର୍ଥ ସ୍ପଷ୍ଟ ଯେ ଗାୟତ୍ରୀ ସାଧନା ଆନ୍ତରିକ ଓ ବାହ୍ୟ ଉଭୟ ଦୃଷ୍ଟିରୁ ସାଧକକୁ ସମ୍ପନ୍ନ କରିଥାଏ ଏବଂ ତା'ର କଲ୍ୟାଣ କରିଥାଏ ।

# ଜୀବନର ସୌନ୍ଦର୍ଯ୍ୟ ହେଉଛି ବାଣୀ

**ବା**ଣୀ ଜୀବନର ସ୍ୱର, ସୌନ୍ଦର୍ଯ୍ୟ ଓ ସଙ୍ଗୀତ । ଯଦି ଏଥିରେ ଆମ ବ୍ୟକ୍ତିତ୍ୱର ମଧୁରତା ଓ ତାହାର ସାଧନାର ସମ୍ମିଶ୍ରଣ ହୋଇଯାଏ, ତ ଜୀବନ ଆପେ ଆପେ ସୁଗନ୍ଧିତ ଓ ସୁରଭିତ ହେବାରେ ଲାଗେ । ବାଣୀର ଦେବୀ ହେଉଛନ୍ତି ମା' ସରସ୍ୱତୀ । କୁହାଯାଏ ଯେ ପ୍ରଥମେ ଏ ସୃଷ୍ଟିରେ ସର୍ବତ୍ର ମୌନ ଛାଇ ରହିଥିଲା, ତାପରେ ମା' ସରସ୍ୱତୀଙ୍କ କୃପାରୁ ସୃଷ୍ଟିରେ ସ୍ୱରର ସଞ୍ଚାର ହେଲା, ଯଦ୍ୱାରା ବିଭିନ୍ନ ପ୍ରକାର ମଧୁର ସଙ୍ଗୀତ ଏ ସୃଷ୍ଟିରେ ଗୁଞ୍ଜରିତ ହେଲା । ଏହି ସ୍ୱରର ସଞ୍ଚାର ଦ୍ୱାରା ହିଁ ସୃଷ୍ଟିର ଜୀବମାନଙ୍କ ମଧରେ ବାକ୍ କ୍ଷମତା ବିକଶିତ ହେଲା ଏବଂ ସେମାନେ ନିଜ ନିଜର ସ୍ୱର ମାଧମରେ ନିଜର ମନୋଭିବ୍ୟକ୍ତି, ଭାବାଭିବ୍ୟକ୍ତି କରିବାରେ ଲାଗିଲେ ।



ବାଣୀ ତାହା, ଯାହା କାହାର ମୁଖରୁ ସ୍ୱର ରୂପେ ବାହାରିଥାଏ ଏବଂ ତା'ର ମନର ଭାବକୁ ତା'ର ମନ ଓ ବୁଦ୍ଧି ଅନୁସାରେ ଅଭିବ୍ୟକ୍ତ କରିଥାଏ । ମନୁଷ୍ୟର ବାଣୀ ଅନ୍ୟ ଜୀବମାନଙ୍କ ବାଣୀ ତୁଳନାରେ ବିଶିଷ୍ଟ ହୋଇଥାଏ, କାରଣ ସେଥିରେ ଅଭିବ୍ୟକ୍ତି (ମନୋଭିବ୍ୟକ୍ତି, ବୈଚାରିକ ଅଭିବ୍ୟକ୍ତି, କାଳ୍ପନିକ ଅଭିବ୍ୟକ୍ତି, ଅନୁଭବର ଅଭିବ୍ୟକ୍ତି ଆଦି)ର ବିଭିନ୍ନ ପକ୍ଷ (ଯେପରି- କହିବା, ଗାଇବା, କବିତା ଆବୃତ୍ତି କରିବା, ଅଭିନୟ କରିବା ଆଦି) ରହିଥାଏ ।

ମନୁଷ୍ୟମାନେ ନିଜର ବାଣୀକୁ ଭାଷା ଓ ବୋଲିର ରୂପ ଦେଇ ଦିଅନ୍ତି ଏବଂ ତଦ୍ୱାରା ଭଳିକିଭଳି ନିଜର ଭାବାଭିବ୍ୟକ୍ତି କରନ୍ତି । ଯେତେବେଳେ କି ଅନ୍ୟ ଜୀବ ନିଜର ବାଣୀକୁ ଭାଷା ବା ବୋଲିର ରୂପ ଦେଇ ପାରନ୍ତି ନାହିଁ ଏବଂ ଏହି କାରଣରୁ ସେମାନଙ୍କର ବୋଲି ବା ଭାଷା ଏକ ପ୍ରକାର ହୋଇଥାଏ । ଯେପରି - କୁକୁରମାନଙ୍କ କହିବାର ଭାଷା 'ଭୁକିବା' ରୂପେ ହୋଇଥାଏ, ଘୋଡାମାନଙ୍କ କହିବାର ଅଭିବ୍ୟକ୍ତି 'ହିଁ ହିଁ' ରୂପେ ହୋଇଥାଏ, ବିଲେଇମାନେ 'ମିଆଁଉ ମିଆଁଉ' କରି କହିଥାନ୍ତି, ଗାଈ ବା ମଇଁଷିଙ୍କ ସ୍ୱର 'ହମା' ରୂପେ ହୋଇଥାଏ । ହାତୀଙ୍କ କହିବାର ସ୍ୱର ତୂର୍ଯ୍ୟନାଦ ପରି ଗର୍ଜନ ରୂପେ ହୋଇଥାଏ, ପକ୍ଷୀମାନଙ୍କ କହିବାର ସ୍ୱର 'ଚାଁ ହିଁ' ଭାବ ରୂପେ ହୋଇଥାଏ, ପରାମାନେ ' ଗୁଟରର୍ଗୁଁ, ଗୁଟରଗୁଁ' କରି କହନ୍ତି; କାଉମାନେ 'କା କା' କରନ୍ତି; ଶୁଆମାନେ ସିଟି ବଜାଇ ଉଚ୍ଚାରଣ କରନ୍ତି, କୋଇଲିମାନେ କୁହୁକୁହୁ ତାନରେ କହିଥାନ୍ତି ।

ଏସବୁ ପଶୁପକ୍ଷୀ ଚାହିଁଲେ ମଧ ନିଜର ସ୍ୱର ବଦଳାଇ ପାରିବେ ନାହିଁ, ଯେତେବେଳେ କି ମନୁଷ୍ୟ ଏମାନଙ୍କ କହିବାର ପ୍ରୟାସ କରିପାରେ, ସେମାନଙ୍କର ନକଲ କରିପାରେ, କିନ୍ତୁ ସେମାନଙ୍କର ଏହି ବୋଲିକୁ ବୁଝିପାରେ ନାହିଁ, ତେଣୁ ସେମାନେ କ'ଣ କହୁଛନ୍ତି ଜାଣିପାରେ ନାହିଁ; କାରଣ ସେମାନଙ୍କର ବୋଲିର ସ୍ୱର ଏକ ପ୍ରକାର ହୋଇଥାଏ । ସେଥିରେ କୌଣସି ଭିନ୍ନତା ନ ଥାଏ, ପ୍ରତି ଥର ସେମାନେ ଗୋଟିଏ ସ୍ୱରକୁ ବାରମ୍ବାର କହନ୍ତି, କିନ୍ତୁ ସେମାନେ ଏହି ଗୋଟିଏ ସ୍ୱରରେ ନିଜ ପରି ଜୀବଙ୍କ ସହିତ କଥାବାର୍ତ୍ତା କରନ୍ତି, ଯଦ୍ୱାରା ସେମାନଙ୍କ ଜାତିର ଜୀବମାନେ ସେମାନଙ୍କ କଥା ବୁଝିଯାନ୍ତି ।

ମନୁଷ୍ୟର ଛୋଟ ଶିଶୁ ବି ଯେତେବେଳେ କହିବା ଜାଣି ନ ଥାଏ, ସ୍ୱରକୁ ଚିହ୍ନିପାରି ନ ଥାଏ ତ ସେ ମଧ କେବଳ ଏକ ପ୍ରକାର ସ୍ୱର ବାହାର କରେ । ସେହି ସ୍ତରରେ ସେ ହସିଥାଏ, କାନ୍ଦିଥାଏ, ଚିତ୍କାର କରିଥାଏ, କୋଳାହଳ କରିଥାଏ, ରାଗିଥାଏ ଓ ନିଜର ବିଭିନ୍ନ ପ୍ରକାର ଭାବନାକୁ ଅଭିବ୍ୟକ୍ତ କରିଥାଏ । ତା'ର ଏକ ପ୍ରକାର ସ୍ୱରକୁ ଭଲା ଅନ୍ୟ କେହି ବୁଝି ନ ପାରିଲେ ବି ତା'ର ମା' ତା'ର ସଙ୍କେତକୁ ଭଲ ଭାବରେ ବୁଝିଯାଏ, ଫଳରେ ତାକୁ କେବେ ଭୋକ ଲାଗିଲା, ତାକୁ କେତେବେଳେ ଆରାମ ଲାଗୁଛି, କେତେବେଳେ ସେ ଖୁସୀ ହେଉଛି ଏବଂ କେତେବେଳେ ସେ କଷ୍ଟ ଓ ପୀଡାରେ ଅଛି ଆଦି ମା' ଜାଣିପାରେ ।

ଧ୍ୟାନପୂର୍ବକ ଦେଖିଲେ ମନୁଷ୍ୟର ଶିଶୁ ଓ ଅନ୍ୟ ସ୍ୱରଧାରୀ ପଶୁପକ୍ଷୀଙ୍କର ସେହି ଗୋଟିଏ ସ୍ୱର ଭିନ୍ନ ଭିନ୍ନ ସ୍ଥିତିରେ ଅଲଗା ଅଲଗା ଢଙ୍ଗରେ ବାହାରି ଥାଏ । ଯେତେବେଳେ ସେମାନେ ଅସୁବିଧା ଓ କଷ୍ଟରେ ଥାଆନ୍ତି, ତ ସେମାନଙ୍କର ସେହି ସ୍ୱର ତୀବ୍ର ହୋଇଯାଏ, ସେଥିରେ ସେମାନଙ୍କର କଷ୍ଟ ପ୍ରକା ହୋଇଥାଏ, ଯେତେବେଳେ ସେମାନେ ଖୁସୀରେ ଥାଆନ୍ତି, ତ ସେମାନଙ୍କର ସେହି ସ୍ୱର ମୃଦୁ ହୋଇଯାଏ ଏବଂ ସେମାନେ ନିଜର ଖୁସୀ ପ୍ରକଟ କରନ୍ତି । ଯେତେବେଳେ ସେମାନେ ଦୁଃଖୀ ହୋଇଥାନ୍ତି, ତ ସେମାନଙ୍କର ସେହି ସ୍ତର କାନ୍ଦିବା ସମାନ ହୋଇଥାଏ । ଏହିପରି ମନୁଷ୍ୟ ଏବଂ ଅନ୍ୟ ପଶୁପକ୍ଷୀ ନିଜର ଦୁଃଖ, ପୀଡା, କଷ୍ଟ ଓ ପ୍ରସନ୍ନତା ଗୋଟିଏ ସ୍ୱରରେ, କିନ୍ତୁ ବିଭିନ୍ନ ପ୍ରକାରେ ପ୍ରକଟ କରିଥାନ୍ତି ।

ମନୁଷ୍ୟ କ୍ରମେ ବଡ ହେବା ସହିତ ଧୀରେ ଧୀରେ କହିବା ଶିଖୁଥାଏ, କାରଣ ତା'ର କଣ୍ଠରେ ସ୍ୱର ଥାଏ ଏବଂ ତା'ର ସ୍ୱର ମନୁଷ୍ୟ ଜାତିର ବିଭିନ୍ନ ପ୍ରକାର ବୋଲିକୁ ଦୋହରାଇବାରେ ଓ କହିବାରେ ପ୍ରଯୁକ୍ତ ହୋଇଥାଏ । ବୋଲିଗୁଡିକୁ କେବଳ ଦୋହରାଇଲେ ସେଗୁଡିକୁ ବୁଝାଯାଇ ନ ପାରେ, ବରଂ ସେଗୁଡିକୁ ବୁଝିବା ପାଇଁ ଏହି ବୋଲିଗୁଡିକୁ କହିବା ଓ ବୁଝିବାର ଅଭ୍ୟାସ କରିବାକୁ ପଡିଥାଏ ।

ସାରା ବିଶ୍ୱରେ ଅସଂଖ୍ୟ ପ୍ରକାର ବୋଲି କୁହାଯାଏ । ପ୍ରତ୍ୟେକ ଦେଶର ନିଜର ଏକ ଅଲଗା ବୋଲି ରହିଛି । କେବଳ ଭାରତବର୍ଷରେ ହିଁ ଅନେକ ପ୍ରକାର ଭାଷା କୁହାଯାଏ । ଏଠାରେ ପ୍ରତ୍ୟେକ କ୍ଷେତ୍ର ବିଶେଷର ଏକ ଅଲଗା ବୋଲି, ଏକ ଅଲଗା ଭାଷା ଅଛି, ଯାହାକୁ ସେହି କ୍ଷେତ୍ର ବିଶେଷର ଲୋକେ କହିବା ପସନ୍ଦ କରନ୍ତି । ଏଠାକାର ଗାଁଗୁଡିକର ଅଲଗା ଭାଷା ଓ ସହରଗୁଡିକର ଏକ ଅଲଗା ଭାଷା ରହିଛି । ହିନ୍ଦୀକୁ ଭାରତବର୍ଷର ଏକ ସମାନ ଭାଷା ମନେ କରାଯାଏ । ହିନ୍ଦୀଭାଷୀ ଲୋକଙ୍କ ବହୁଳତା କାରଣରୁ, ଏଠାକାର ପ୍ରାଚୀନ ହିନ୍ଦୁ ସଂସ୍କୃତି ଓ ଆର୍ଯ୍ୟ ସଭ୍ୟତା କାରଣରୁ ହିଁ ପୂର୍ବରୁ ଭାରତକୁ ହିନ୍ଦୁସ୍ଥାନ କୁହାଯାଉଥିଲା ।

ବାଣୀକୁ କେବଳ କହିବା କାର୍ଯ୍ୟରେ ପ୍ରଯୁକ୍ତ କରାଯାଏ ନାହିଁ, ବରଂ ବାଣୀ ସଂକଳ୍ପର ରୂପ ବି ହୋଇଥାଏ । ଯେବେ କାହାର ବାଣୀ ସିଦ୍ଧ ହୋଇଯାଏ, ତ ସେହି ବ୍ୟକ୍ତି ଯାହା ବି କହେ, ତାହା ସୃଷ୍ଟିରେ ଘଟିତ ହୋଇଯାଏ । ବାଣୀ ପବିତ୍ର ଓ ଶୁଦ୍ଧ ହୋଇଗଲେ ତାହାର ପ୍ରଭାବ ଅଲିଭା ହୋଇଥାଏ, ତାହା ପ୍ରାମାଣିକ ହୋଇଥାଏ ଏବଂ ତାହା ବାତାବରଣକୁ ମଧ ଦିବ୍ୟ କରିଦିଏ, କିନ୍ତୁ ସେହି ବାଣୀ ଯେବେ ଦୂଷିତ, ଅଶୁଦ୍ଧ ଓ ଅପବିତ୍ର ହୋଇଯାଏ ତ ଏପରି ବାଣୀ ପ୍ରଭାବହୀନ ଓ ନିରର୍ଥକ ହୋଇଥାଏ ଏବଂ ବାତାବରଣକୁ ଦୂଷିତ କରିଥାଏ ତଥା ଅବିଶ୍ୱସନୀୟ ଓ ଅପ୍ରାମାଣିକ ହୋଇଥାଏ ।

ବାଣୀ ମାଧମରେ ହିଁ ମନୁଷ୍ୟ ନିଜ କଥା କହିଥାଏ, ସମ୍ବାଦ କରିଥାଏ ଏବଂ ତା' ଦ୍ୱାରା କୁହାଯାଇଥିବା କଥା ଓ ସମ୍ବାଦ ଗୁଡିକର ଗୁରୁତ୍ୱ ଥାଏ । ବାଣୀକୁ ସେତେବେଳେ ପ୍ରାମାଣିକ କୁହାଯାଏ, ଯେତେବେଳେ କଥା ଅନୁସାରେ ମନୁଷ୍ୟ ପ୍ରାଣପଣେ କାର୍ଯ୍ୟ କରିଥାଏ- ଯାହା କହିଥାଏ, ତାହା କରିଥାଏ । ବାଣୀକୁ ସେତେବେଳେ ଅପ୍ରାମାଣିକ କୁହାଯାଏ, ଯେତେବେଳେ ମନୁଷ୍ୟ ନିଜର କଥା ଅନୁସାରେ କାର୍ଯ୍ୟ କରି ନ ଥାଏ, ଅର୍ଥାତ୍ ଯାହା କହିଥାଏ, ତାହାର ବିପରୀତ କାର୍ଯ୍ୟ କରିଥାଏ, ନିଜର ବାଣୀରେ ମିଥ୍ୟା କହିଥାଏ, ଲୋକଙ୍କୁ ଧୋକା ଦେଇଥାଏ, ବିବାଦ କରିଥାଏ ଏବଂ ଗାଳିଗୁଲଜ କରିବା ସହିତ ଖରାପ କଥା କହିଥାଏ ।

ମନୁଷ୍ୟର ବାଣୀର ଅଭିବ୍ୟକ୍ତି ଏକ ଅଦ୍ଭୁତ କଳା ଓ ଏହି କଳା କେବଳ ମନୁଷ୍ୟକୁ ହିଁ ମିଳିଛି । ସୃଷ୍ଟିରେ ଏପରି ଅଗଣିତ ପ୍ରାଣୀ ଅଛନ୍ତି, ଯେଉଁମାନଙ୍କ ପାଖରେ କହିବାର କ୍ଷମତା ନାହିଁ ଏବଂ ଯେଉଁ ପ୍ରାଣୀମାନଙ୍କୁ କହିବାର କ୍ଷମତା ମିଳିଛି, ସେମାନଙ୍କ ସ୍ୱରର ଏକ ନିର୍ଦ୍ଧାରିତ ସୀମା ଅଛି, କିନ୍ତୁ ମନୁଷ୍ୟ ସ୍ୱର, ଅନ୍ୟମାନଙ୍କ ଠାରୁ ଭିନ୍ନ, ତାହାର ବିଭିନ୍ନ ଆୟାମ ରହିଛି, ଏହି କାରଣରୁ ମନୁଷ୍ୟର ବାଣୀ କିଛି ବିଶେଷ ଅଟେ ।

ଯଦି ବାଣୀର କଥା କୁହାଯାଏ ତ ବାଣୀ ଦ୍ୱାରା ହେଉଥିବା ସମ୍ବାଦ ଓ ବିବାଦ ସମସ୍ୟା ଉତ୍ପନ୍ନ କରିପାରେ ଏବଂ ତାହାର ସମାଧାନ ବି କରିପାରେ । ପ୍ରଶ୍ନ ହେଉଛି କେବଳ ତାହାର ସଦୁପଯୋଗ ଓ ଦୁରୁପଯୋଗର । ଆଦର୍ଶ ମନୁଷ୍ୟ ବାଣୀର ସଦୁପଯୋଗ କରି ଲୋକକଲ୍ୟାଣର ମାର୍ଗ ପ୍ରଶସ୍ତ କରିପାରନ୍ତି, ତ ଦୁଷ୍ଟ ମନୁଷ୍ୟ ବାଣୀର ଦୁରୁପଯୋଗ କରି ସମସ୍ୟା ଉତ୍ପନ୍ନ କରନ୍ତି ତଥା ଲୋକଙ୍କୁ ଦିଗଭ୍ରମିତ କରନ୍ତି । ସମ୍ୟକ୍ ।ଣୀର ଚାରିଟି ସୂତ୍ର ରହିଛି – ମିତଭାଷିତ, ମୃଦୁଭାଷିତ, ସତ୍ୟଭାଷିତ ଓ ବିଚାରଭାଷିତ । ଯେଉଁମାନେ କହିବା ପୂର୍ବରୁ ବିଚାର କରନ୍ତି, ସେମାନେ ବୁଦ୍ଧିମାନ୍ ଏବଂ ଯେଉଁମାନେ କହିବା ପରେ ବିଚାର କରନ୍ତି, ସେମାନେ ମୂର୍ଖ ।

ଅଧ୍ୟାତ୍ମ ସାଧନାରେ ବାଣୀର ସଂଯମ (ବାକ୍ ସଂଯମ) ବହୁତ ଜରୁରୀ । ଆମ ସମାଜରେ ବାଚାଳ ଲୋକଙ୍କୁ ଗମ୍ଭୀରତା ପୂର୍ବକ ଗ୍ରହଣ କରାଯାଏ ନାହିଁ । ସେଥିପାଇଁ ଯେତିକି ଆବଶ୍ୟକ, କେବଳ ସେତିକି କହିବା ଉଚିତ । ଉପଯୁକ୍ତ ଅବସରରେ ଶାଳୀନତାର ସହିତ କୁହାଯାଇଥିବା କଥା ପ୍ରଭାବଶାଳୀ ହୋଇଥାଏ । ଆଚାର୍ଯ୍ୟ ଶଙ୍କରଙ୍କ ମତରେ ଆପଣ ପ୍ରଖର ପ୍ରବକ୍ତା ହୋଇ ପାରନ୍ତି ଓ ଶାସ୍ତ୍ରଗୁଡିକର ଚମତ୍କାର ବ୍ୟାଖ୍ୟା କରିବାରେ ଦକ୍ଷ ହୋଇ ପାରନ୍ତି, କିନ୍ତୁ ଆପଣଙ୍କର ଏହି ବିଦତ୍ୱ କେବଳ ଭୋଗ ପାଇଁ, ମୋକ୍ଷ ପାଇଁ ନୁହେଁ । ଦୁନିଆରେ ଏପରି ବହୁତ ଲୋକ ଅଛନ୍ତି, ଯେଉଁମାନେ କଥା କହିବାରେ ତ ପ୍ରବୀଣ ହୋଇଥାନ୍ତି, କିନ୍ତୁ ଯେଉଁମାନେ ବାଣୀ ଉପରେ ନିୟନ୍ତ୍ରଣ କରିବା ଜାଣନ୍ତି ସେମାନେ ସଫଳ ହୋଇଥାନ୍ତି । କ୍ରୋଧ ବା କଳହ ସମୟରେ ମୌନ ହୋଇଯିବା ଦ୍ୱାରା ମଧ କେତେ ପ୍ରକାର ସମସ୍ୟା ଉପରେ ବିରାମ ଲାଗିଯାଏ ।

ସଂସ୍କୃତରେ ଏକ ନୀତି ବଚନ ଅଛି– ବାଚାଳତା ପତନ ଓ ମୌନ ଉ ।ନର କାରଣ ହୋଇଥାଏ । ମୁଖର ହେବା ଯୋଗୁଁ ନୂପୁରକୁ ପାଦରେ ସ୍ଥାନ ମିଳିଥାଏ ଏବଂ ମୌନ ହେବା କାରଣରୁ ହାରକୁ ଗଳାରେ ଧାରଣ କରାଯାଏ । ମୃଦୁଭାଷୀ ସମସ୍ତଙ୍କୁ ପ୍ରିୟ ଲାଗନ୍ତି । ମଧୁର ବାଣୀ ଦ୍ୱାରା ଶତ୍ରୁକୁ ମଧ ମିତ୍ର କରାଯାଇପାରେ । ଅନେକ ପ୍ରକାର ଲୋକ କାମ, କ୍ରୋଧ, ଲୋଭ ଓ ଭୟବଶତଃ ମିଥ୍ୟା କହି ନିଜର ବିଶ୍ୱାସ ହରାଇ ଦିଅନ୍ତି । ସେଥିପାଇଁ ତ ସନ୍ଥ କବୀର ଦାସ କହିଛନ୍ତି– ସାଁଚ ବରାବର ତପ ନହୀ, ଝୁଠ ବରାବର ପାପ । ମିଥ୍ୟାର ପାଦ ନ ଥାଏ । ସେ ମଧ ସତ୍ୟର ଆଶାବାଡି ସାହାଯ୍ୟରେ ଚାଲିଥାଏ । ଅପମିଶ୍ରଣକାରୀ ମଧ ନିଜ ଦୋକାନ ଆଗରେ ଲେଖୁଥାଏ- ଏଠାରେ ଶୁଦ୍ଧ ଜିନିଷ ମିଳେ । କହିବା ପୂର୍ବରୁ ବିଚାର କରିନେବା ଦରକାର ଯେ ତାହା କ'ଣ ନିଜର ମୌନଠାରୁ ଶ୍ରେଷ୍ଠ ହେବ ? ବସ୍ତୁତଃ କଠୋର ବଚନ ହିଁ ସମସ୍ତ ବିବାଦର ମୂଳ । ତେଣୁକରି ଆମେ ସନ୍ତୁଳିତ କରି କହିବା, ମଧୁର କହିବା, ସତ୍ୟ କହିବା ଓ ବୁଝିବିଚାରି କହିବା ଜରୁରୀ ।

## ଆଜିର ଚିନ୍ତନ

**ଧ**ର୍ମକ୍ଷେତ୍ର କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ସରି ଯାଇଥାଏ । ଏହା ସହିତ ମହାଭାରତ ଯୁଦ୍ଧର ନାୟକ ଶ୍ରୀକୃଷ୍ଣଙ୍କ କର୍ତ୍ତବ୍ୟ ମଧ ଶେଷ ହୋଇ ଯାଇଥାଏ । ଶ୍ରୀକୃଷ୍ଣ ମର୍ତ୍ତ୍ୟମଣ୍ଡଳରେ ପାପର ଭାର ନିବାରଣ ପାଇଁ ଜନ୍ମ ହୋଇଥିଲେ । ପାପାଚାରର ପ୍ରତୀକ କୁରୁବଂଶ ଧ୍ୱଂସ ହୋଇ ଯାଇଥାଏ । ଶ୍ରୀକୃଷ୍ଣଙ୍କୁ ବୈକୁଣ୍ଠପୁରକୁ ଫେରାଇ ନେବା ନିମନ୍ତେ ଅଷ୍ଟାବକ୍ର ମୁନି ଆସିଥିଲେ ଦ୍ୱାରାବତୀପୁର- ଶ୍ରୀକୃଷ୍ଣଙ୍କ ନିବାସ ସ୍ଥାନ । ତାଙ୍କର ଅଷ୍ଟବକ୍ର ଶରୀର କୌତୁକର ଉତ୍ସ ହୋଇଥିଲା ଦ୍ୱାରିକାର କିଛି ପିଲାଙ୍କ ପାଇଁ । ସେମାନେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କୁ ସ୍ତ୍ରୀ ବେଶରେ ସଜାଇ ମଜା କରିବା ପାଇଁ ତାଙ୍କ ପେଟରେ ଗୋଟିଏ ଲୌହମୂଷଳ ରଖି ଦେଇଥିଲେ । ଫଳତଃ ପେଟ ଆସନ୍ନପ୍ରସବା ନାରୀ ଭଳି ଦେଖାଗଲା । କୌତୁକ ଉଦ୍ଦେଶ୍ୟରେ ଅଷ୍ଟାବକ୍ରଙ୍କୁ ପଚାରିଥିଲେ ଏଇ ନାରୀ ପେଟରେ ଯେଉଁ ଶିଶୁଟି ଅଛି ସେ ପୁଅ ନା ଝିଅ ?

ଯୋଗ ବଳରେ ଅଷ୍ଟବକ୍ର ଜାଣିପାରିଲେ ଏମାନେ ପରି ହାସରେ ଏପରି କହୁଛନ୍ତି । ଏଭଳି ବିଦ୍ରୁପରେ କ୍ରୋଧିତ ହୋଇ ଅଭିଶାପ ଦେଇଥିଲେ ଏହାର ଗର୍ଭରେ ଯାହା ଅଛି ତାହା ଦ୍ୱାରା ଯଦୁବଂଶ ଧ୍ୱଂସ ହୋଇଯିବ । ଶ୍ରୀକୃଷ୍ଣ ଏଇ ସମ୍ବାଦ ଶୁଣି ନିଶ୍ଚିତ ହୋଇ ଯାଇଥିଲେ ଯେ ଗାନ୍ଧାରୀଙ୍କ ଅଭିଶାପ (କପଟ କରି ମୋର ବଂଶ ଧ୍ୱଂସ କରିଛ, ତୁମ ଆଖି ଆଗରେ ତୁମ ବଂଶ ସେହିପରି ନାଶ ହୋଇଯିବ) ଫଳବତୀ ହେବାକୁ ଯାଉଛି । ଲୌହ ମୂଷଳକୁ ପର୍ବତର ଶିଳାରେ ଘଷିଘଷି କ୍ଷୁଦ୍ର କରି ଦେଇଥିଲେ ଭୀମସେନ । ହେଲେ ଏହା ସମ୍ପୂର୍ଣ୍ଣ ଘୋରି ହୋଇ ନଥିଲା । ଏହାର ଅବଶେଷକୁ ଭୀମସେନ ସମୁଦ୍ରରେ ଫିଙ୍ଗି ଦେଇଥିଲେ । ଦୈବଯୋଗକୁ ଏହାକୁ ଖାଦ୍ୟ ଭାବି ଉଦରସ୍ଥ କରିଥିଲା ମାଛ । ସେହି ମାଛ କୈବର୍ତ୍ତର ଜାଲରେ ପଡ଼ିଥିଲା । କୈବର୍ତ୍ତ ମାଛପେଟରୁ ଲୌହଖଣ୍ଡଟି ବାହାର କରି ଦେଇଥିଲା ଜାରାକୁ । ଜାରା ସେହି ଲୌହକୁ ନେଇ ଉପଯୋଗ କରିଥିଲା ତୀର ଭାବରେ । ଲୌହ ମୂଷଳକୁ ଘୋରିବା ସମୟରେ ଗୁଣ୍ଡ ସବୁ ସମୁଦ୍ର ପାଣିରେ ପଡ଼ି ସୃଷ୍ଟି ହୋଇଥିଲା ଏରକା ବଣ । ସମୟ ପ୍ରବାହରେ ଏରକା ବଣରେ କାଦମ୍ବରୀ ପାନରେ ମତ୍ତ ହୋଇ ଯଦୁକୁଳ ନିଜନିଜ -ଭିତରେ ଭୀଷଣ ଗୋଳ ଆରମ୍ଭ କରିଥିଲେ । ଏହି ସଂଗ୍ରାମରେ ଯଦୁବଂଶ ଧ୍ୱଂସ ହୋଇ ଯାଇଥିଲା । ସତ୍ୟ ସାବ୍ୟସ୍ତ ହୋଇଥିଲା ଗାନ୍ଧାରୀ ଓ ଅଷ୍ଟାବକ୍ର ମୁନିଙ୍କ ଶାପ । କଳିର ଆଗମନ ସୂଚନା ମିଳି ସାରିଥାଏ । ବଳରାମ ଦେହ ତ୍ୟାଗ କରି ବୈକୁଣ୍ଠପୁର ଯାଇଥାନ୍ତି । ଶ୍ରୀକୃଷ୍ଣ ଯଦୁବଂଶ ଧ୍ୱଂସ ସମ୍ବାଦ ଜାଣିବା ପରେ ମର୍ମାହତ ହୋଇ ଅରଣ୍ୟ ମଧକୁ ଚାଲି ଯାଇଥିଲେ । ଶିଆଳିଲତା କୁଞ୍ଜରେ ଶ୍ରୀକୃଷ୍ଣ ଉପବେଶନ କରିଥାନ୍ତି । ବିଷର୍ଣ୍ଣ ଭାବରେ ଭାବୁଥାନ୍ତି ବଂଶ ଧ୍ୱଂସ କଥା । ଲତାକୁଞ୍ଜରେ ବସିଥିବା ବେଳେ ପାଦ ଦୁଇଟି ତଳକୁ ଝୁଲି ରହିଥିଲା । ଶିକାର ଅନ୍ୱେଷଣରେ ବଣରେ ବୁଲୁଥିବା ଜାରା ତାଙ୍କର ପଦଯୁଗଳକୁ ପଶୁଭାବି ତୀର ନିକ୍ଷେପ କରିଥିଲା । ଶର ଥିଲା ଅବ୍ୟର୍ଥ, ଲକ୍ଷ୍ୟଭେଦୀ । ନିକଟକୁ ଆସି ଜାରା ଶବର ଦେଖିଥିଲା, ଯାହାକୁ ସେ ତୀରାଘାତ କରିଛି ତାହା ପଶୁ ନୁହେଁ, ଭଗବାନ ଶ୍ରୀକୃଷ୍ଣଙ୍କ ପଦଯୁଗଳ । ଶରାଘାତରେ ପାଦରୁ ରକ୍ତସ୍ରାବ ହେଉଥାଏ । ଜାରା ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କରିଥିଲା ଯୋଡ଼ ହସ୍ତରେ । ନିଜର ଶେଷ ସମୟ ଆସନ୍ନ ଜାଣି ଜାରା ହାତରେ ଅର୍ଜୁନଙ୍କ ନିକଟକୁ ଖବର ଦେଇଥିଲେ ଶେଷ ଦେଖା କରିଯିବା ପାଇଁ । ଅର୍ଜୁନଙ୍କ ଉପସ୍ଥିତିରେ ଜାରା ପାଦରୁ ତୀରଟି କାଢ଼ିଦେବା ମାତ୍ରେ ଶ୍ରୀକୃଷ୍ଣ ପ୍ରାଣ ତ୍ୟାଗ କରିଥିଲେ ।

ତ୍ରେତୟା ଯୁଗରେ ଅର୍ଜୁନ, ଶ୍ରୀରାମଙ୍କ ଭ୍ରାତା ଲକ୍ଷ୍ମଣ ଭାବରେ ଜନ୍ମ ନେଇଥିଲେ । ଆଉ ଜାରା ଶବର ଥିଲା ବାଳୀଙ୍କ ପୁତ୍ର ଅଙ୍ଗଦ । ପିତା ବାଳୀଙ୍କୁ ହତ୍ୟା କରିଥିବାରୁ ଶ୍ରୀରାମଙ୍କୁ ହତ୍ୟାକରି ପ୍ରତିଶୋଧ ନେବା ପାଇଁ ଅଙ୍ଗଦ ଇଚ୍ଛା ପ୍ରକାଶ କରିଥିଲେ । ହେଲେ ତାଙ୍କର ଏଇ ଇଚ୍ଛା ଦ୍ୱାପର ଯୁଗରେ ପୂର୍ଣ୍ଣ ହେବ ବୋଲି ସ୍ୱୟଂ ପ୍ରଭୁ କହିଥିଲେ । ତାହା ହିଁ ହୋଇଥିଲା । ତ୍ରେତୟାର ଅଙ୍ଗଦ, ଦ୍ୱାପରରେ ଜାରା ଶବର ଭାବରେ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିଥିଲା । ସବୁଥିଲା ବିଧି ନିର୍ଦ୍ଦିଷ୍ଟ ।

ସ୍ୱୀକାର
ବର୍ଷ ୨୭, ସଂଖ୍ୟା- ୧୭, ୧୯ - ୨୫ ମାର୍ଚ୍ଚ ୨୦୨୩

# ଗଣତନ୍ତ୍ରରେ କିଏ ମାଲିକ, କିଏ ସେବକ

ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଏକ ପ୍ରସିଦ୍ଧ ବାଣୀ ଥିଲା ''ଗଣତନ୍ତ୍ର ହେଉଛି ସବୁଠାରୁ ନିକୃଷ୍ଟ ଶାସନ ପଦ୍ଧତି, ଯାହା ପୂର୍ବରୁ ଅନେକ ଥର ପରୀକ୍ଷିତ ହୋଇସାରିଛି । ଚର୍ଚ୍ଚିଲ ଏହା ମଧ କହିଥିଲେ ଯେ, ଅତି ସାଧାରଣ ମଣିଷଟିଏ ଭୋଟଦାନ କକ୍ଷରେ ପ୍ରବେଶ କରି ଏକ ଛୋଟିଆ ପେନ୍‌ସିଲ ସାହାଯ୍ୟରେ ଖଣ୍ଡେ କାଗଜ ଟୁକୁଡା ଉପରେ ଛୋଟିଆ ଦାଗଟିଏ ଅଙ୍କନ କରି ବିରାଟ ବଡ଼ ପରିବର୍ତ୍ତନ ଆଣିଥାଏ । ବାସ୍ତବରେ ଏହାହିଁ ହେଉଛି ଗଣତନ୍ତ୍ରର ଔଚିତ୍ୟ ତଥା ମହାନତା । ସାଧାରଣ ଜନତାଙ୍କ ପ୍ରତ୍ୟକ୍ଷ ଏବଂ ବୃହତ୍ ଅଂଶ ଗ୍ରହଣ । କିନ୍ତୁ ଦୁର୍ଭାଗ୍ୟର କଥା, ସାଧାରଣ ଜନତାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି କେବଳ ମତଦାନ ପର୍ଯ୍ୟନ୍ତ ସୀମିତ । ରାଜନୀତିର ପରିସର ମଧରେ ସୀମାବଦ୍ଧ ଦେଶ ଓ ସମାଜର ସ୍ଥିତି ଆଜି କେବଳ ଏଭଳି ଅନୁସନ୍ଧାନକୁ ଜନ୍ମ ଦେଇନାହିଁ ବରଂ ପୂର୍ବ ଅନୁସନ୍ଧାନ ଉପରେ ଏହା ତୀକ୍ଷ୍ଣ ଦୃଷ୍ଟି ରଖିଛି । ଏଭଳି ସ୍ଥିତିରେ ପ୍ରଶ୍ନ ଉଠେ ବାସ୍ତବିକ ଗଣତନ୍ତ୍ରରେ ମାଲିକ କିଏ ଏବଂ ସେବକ କିଏ ?

ଜନସାଧାରଣଙ୍କ ସ୍ୱାର୍ଥରେ ନିଆଯାଉଥିବା ନିଷ୍ପତ୍ତିରେ ସେମାନଙ୍କର ନିଜସ୍ୱ ସହଭାଗିତା କେତେ ? ଏଥିରେ ଜନତାଙ୍କ ମତାମତ ପ୍ରତ୍ୟକ୍ଷ ରୂପେ ଜଡ଼ିତ ନ ହେଲେ ସେମାନଙ୍କ ଉପରେ ଲଦି ଦିଆଯାଉଥିବା ଅବା ସେମାନଙ୍କ ପାଇଁ ଲାଗୁ ହେଉଥିବା ନିଷ୍ପତ୍ତିଗୁଡ଼ିକ କେବଳ ତୋଗଲକୀ ନିୟମ ଭଳି ପ୍ରତୀୟମାନ ହେବ । ଯୁକ୍ତରାଷ୍ଟ୍ରର ତତ୍କାଳୀନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ମତରେ- ''ଗଣତନ୍ତ୍ର ହେଉଛି ଲୋକଙ୍କର, ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ।' ଏହାକୁ ସର୍ବମାନ୍ୟ ଉକ୍ତି ଭାବେ ଗ୍ରହଣ କରାଯାଇଛି । ଗଣତନ୍ତ୍ରରେ ଜନତାଙ୍କୁ କ୍ଷମତାର ସର୍ବେସର୍ବା ଭାବେ ବିବେଚନା କରାଯାଇଥାଏ । କିନ୍ତୁ ଏହା ଆଧୁନିକ ନୁହେଁ, ଅତ୍ୟାଧୁନିକ ଗଣତନ୍ତ୍ର । ଯେଉଁଥିରେ ଜନତାଙ୍କ ସାର୍ବଭୌମତ୍ୱ ବିଷୟରେ କହିବା ଓ ଶୁଣିବାକୁ ଭଲ ଲାଗେ ! କୌଣସି ଆଲେଖ୍ୟ ପାଇଁ ଏହା ଏକ ଭଲ ନିବନ୍ଧ ମଧ ହୋଇପାରିବ, କିନ୍ତୁ ପ୍ରକୃତରେ ଗଣତନ୍ତ୍ର ଆଜି ବିବାଦ ଘେରରେ । ଜନ ଆନ୍ଦୋଳନରୁ ଜନ୍ମିତ କୃଷକ ଆନ୍ଦୋଳନ ଏଭଳି ପର୍ଯ୍ୟାୟ ଦେଇ ଗତି କରିଥିଲା । ପ୍ରତ୍ୟକ୍ଷ ଗଣତନ୍ତ୍ରରେ ବ୍ୟବସ୍ଥା ସମ୍ପାଦନରେ ଜନସାଧାରଣଙ୍କୁ କେତେ ମାତ୍ରାରେ ଅନ୍ତର୍ଭୁକ୍ତ କରାଯାଉଛି । କୃଷକ ଆନ୍ଦୋଳନକୁ ଏହାର ଏକ ପ୍ରତିଫଳନ ବୋଲି କହିପାରିବା । ନିକଟରେ ଖବର କାଗଜରେ ଏହି ବିଷୟରେ ଏକ ଆଲେଖ୍ୟ ଥିଲା, ଯେଉଁଥିରେ କୃଷି ଆଇନ ପରିପ୍ରେକ୍ଷୀରେ ସରକାରଙ୍କ ଉଦ୍ଦେଶ୍ୟ ଉତ୍ତମ ଥିବା ଦର୍ଶାଯାଇଥିଲା । ତେବେ ଏହାର ଏକମାତ୍ର ସମସ୍ୟା ହେଉଛି ଏପର୍ଯ୍ୟନ୍ତ ଚାଷୀଙ୍କୁ ଏହି ବିଷୟରେ ସଠିକ୍ ରୂପେ ବୁଝାଯାଇ ପାରିନାହିଁ । ସେହିଭଳି ଦେଶର ବିଭିନ୍ନ ରାଜ୍ୟରେ ନିୟମିତ ଅନ୍ତରାଳରେ ଚାଲୁଥିବା ଶିକ୍ଷକ, ଶ୍ରମିକ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କ ବାରମ୍ବାର ଆନ୍ଦୋଳନ ଗଣତାନ୍ତ୍ରିକ ସରକାରର କାର୍ଯ୍ୟକ୍ରମ ଓ ଯୋଜନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସରକାରଙ୍କ କଥା ଓ କାର୍ଯ୍ୟରେ ତାଳମେଳ ରହୁ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ପ୍ରତୀୟମାନ ହେଉଛି । ଏସବୁ ତଥ୍ୟ ଗଣତନ୍ତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା ପାଇଁ ଦ୍ୱାର ଖୋଲି ଦେଇଛି ।

ପାରଦର୍ଶିତା ହେଉଛି ଗଣତନ୍ତ୍ରର ଏକ ମୌଳିକ ଉପାଦାନ । ଗଣତନ୍ତ୍ର ଶାସନରେ ଶାସକରୂପୀ ମାନସିକତାରୁ ବାହାରି ଆସିବା ନିହାତି ଜରୁରୀ । ଯୋଜନା ପ୍ରଣୟନ ସଂପୂର୍ଣ୍ଣ ରୂପେ ଗଣତାନ୍ତ୍ରିକ ପଦ୍ଧତିରେ ହେବା ପ୍ରତ୍ୟକ୍ଷ ଗଣତନ୍ତ୍ରର ମୂଳ ଲକ୍ଷ୍ୟ । କୌଣସି ଯୋଜନା, ନିୟମ ଅବା ଆଇନକୁ ଜନତା କେଉଁ ଦୃଷ୍ଟିରେ ଦେଖନ୍ତି, ନିଷ୍ପତ୍ତି ନେବା ପୂର୍ବରୁ ଏହାର ଅଧ୍ୟୟନ ଜରୁରୀ । ବିଭିନ୍ନ ଯୋଜନାରେ ଖର୍ଚ୍ଚ ହେଉଥିବା ଅର୍ଥ ଅବା ଜନତାଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେଉଥିବା ନୀତିନିୟମ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଗଲେ ଗଣତନ୍ତ୍ରର ବିଶ୍ୱସନୀୟତା ବଢ଼ିବ । ସମ୍ପ୍ରତି ଏହାର ଘୋର ଅଭାବ ରହିଛି । ପ୍ରକୃତରେ ଆଇନ ଏବଂ ନ୍ୟାୟର ସମ୍ବନ୍ଧ ସାଧାରଣ ଜନତାଙ୍କ ସହ ଜଡ଼ିତ । ଗଣତନ୍ତ୍ର ଶାସନରେ ଆଇନ ପ୍ରଣୟନରେ ସାଧାରଣ ଜନତାଙ୍କ ସହଭାଗିତା ଜରୁରୀ । ସ୍ୱିଜରଲାଣ୍ଡରେ ପ୍ରାରମ୍ଭିକ ପ୍ରୟାସ, ଜନମତ ସଂଗ୍ରହ ଏବଂ ପ୍ରତିନିଧି ପ୍ରତ୍ୟାବର୍ତ୍ତନ (ପ୍ରତ୍ୟାହାର)ର ବ୍ୟବସ୍ଥା ରହିଛି । ଆମ ଦେଶରେ ଏପରି କୌଣସି ବ୍ୟବସ୍ଥା ନାହିଁ । ଗଣତନ୍ତ୍ରରେ ଗଣ ଅର୍ଥାତ୍ 'ଜନତା'ର ଅଧିକାର କ'ଣ ? ସେହି ଅଧିକାରଗୁଡ଼ିକ ପ୍ରୟୋଗରେ ଏଠି ଅସଂଖ୍ୟ ପ୍ରତିବନ୍ଧକ ରହିଛି ।

ଜନସାଧାରଣଙ୍କ ସ୍ୱାର୍ଥ ଏବଂ ଅଧିକାରର ସୁରକ୍ଷା ଦୃଷ୍ଟିରୁ ଏଠାରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ରହିଛି । କିନ୍ତୁ ବହୁ ସମୟରେ ନିଷ୍ପତ୍ତିରେ ଅସହମତ ଓ ମତଭେଦ ଯୋଗୁ ବିରୋଧ, ବିଦ୍ରୋହ ଏବଂ ଆନ୍ଦୋଳନ ମୁଣ୍ଡ ଟେକୁଛି । ବେଳେବେଳେ ଏହା ଉଗ୍ର ରୂପ ଧାରଣ କରୁଛି । ଗଣତନ୍ତ୍ରରେ ଜନତା ହି ଶାସକ ଓ ସେବକ ! 'ଯେତେବେଳେ ଜନତାଙ୍କ ଭୂମିକା ବ୍ୟବସ୍ଥାପକଠାରୁ ଆରମ୍ଭ କରି ବ୍ୟବସ୍ଥାପନ ପର୍ଯ୍ୟନ୍ତ ପରିବ୍ୟାପ୍ତ ସେତେବେଳେ ନିଷ୍ପତ୍ତିଗୁଡିକ ସର୍ବସମ୍ମତ ହୋଇପାରୁନାହିଁ କାହିଁକି ? ଏକଥା ସତ୍ୟ ଯେ, ବ୍ୟବସ୍ଥା ବିରୋଧୀ ଯାଚିକାଗୁଡ଼ିକ ଉପରେ ପ୍ରାୟତଃ ଶୁଣାଣି ହୁଏନାହିଁ । ଏଭଳି ସ୍ଥିତିରେ ସାଧାରଣ ନାଗରିକଟିଏ ନ୍ୟାୟ ପାଇବ କିପରି ? ଯେକୌଣସି ବିରୋଧକୁ ଅସହମତି ପର୍ଯ୍ୟାୟରେ ସମାଧାନ କରାଯାଉ ନ ଥିବାରୁ ଶେଷରେ ଏକ ବିଦ୍ରୋହୀ ସ୍ୱର ବିସ୍ଫୋରିତ ହେଉଛି, ଯାହା ଆମେ ଗଣତାନ୍ତ୍ରିକ ହେବା ଉପରେ ସନ୍ଦେହ ସୃଷ୍ଟି କରେ ।

ଆଜିର ଯୁଗରେ ଗଣତାନ୍ତ୍ରିକ ବୋଲି ଦାବି କରିବା ଫ୍ୟାଶନ ହୋଇଗଲାଣି । ନିର୍ବାଚନ ସମୟରେ ଚାରିଆଡ଼େ ଅଜବ ଧରଣର ଭାବପ୍ରବଣତା ଖେଳିଯାଉଛି । ଭାରତୀୟ ନିର୍ବାଚନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ । ଏହି ସମୟରେ ନେତାଙ୍କ ଦ୍ୱାରା ଆୟୋଜିତ ଜଳପାନ ଓ ଭୋଜି ଭାତରେ ଜନତାଙ୍କ ଅଂଶଗ୍ରହଣ ଉତ୍ସବୀୟ ପରିବେଶର ଭ୍ରମ ସୃଷ୍ଟି କରୁଛି । ବଢୁଥିବା ରାଜନୈତିକ ପରିସର ଏବଂ ବିଶ୍ୱ ଅର୍ଥନୀତିର ଏକୀକରଣକୁ ଦୃଷ୍ଟିରେ ରଖି ଗଣତନ୍ତ୍ରର 'ଗଣ' ଅର୍ଥାତ୍ ଜନତା କେବଳ ଭୋଟଦାନ ମଧରେ ସୀମିତ ରହିବା ଅନୁଚିତ । ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟର ତଥ୍ୟ ଅନୁଯାୟୀ ସାରା ଦୁନିଆର କେବଳ ୧୫% ଦେଶ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ରାଷ୍ଟ୍ର । ଆଜି ଦୁନିଆର ପ୍ରାୟ ଏକ ତୃତୀୟାଂଶ ଦେଶ ଏକଚ୍ଛତ୍ରବାଦ ଶାସକଙ୍କ ଦ୍ୱାରା ପରିଚାଳିତ । ଏଭଳି ପୃଷ୍ଠଭୂମିରେ ନିଜ ଶାସକଙ୍କୁ ଚୟନ ପାଇଁ ମତଦାନ କରୁଥିବା ଲକ୍ଷ ଲକ୍ଷ ଭାରତୀୟ କେବଳ ଆଦର୍ଶ ମତଦାତା ବୋଲାଇବା ଉଚିତ ହେବନାହିଁ । ଶାସକ କିଏ, ସେବକ କିଏ ? ଏହା ମଧରେ ଥିବା ଭିନ୍ନତାକୁ ଚିହ୍ନିବା ଭାରତୀୟ ମତଦାତାଙ୍କ ପାଇଁ ବଡ଼ ଆହ୍ୱାନ । ଏହା ଯଦିଚ କଷ୍ଟସାଧ, କିନ୍ତୁ ଏ ବିଷୟରେ ତର୍କସିଦ୍ଧ ଆଲୋଚନା ଗଣତନ୍ତ୍ରକୁ ପରିପୁଷ୍ଟ କରାଇବ ।



# ଦୋଷ ସ୍ୱୀକାର

## ମହାତ୍ମା ଗାନ୍ଧୀ

**ଦୋ**ଷ ସ୍ୱୀକାର ଏକ ସମ୍ମାର୍ଜନୀ ପରି କାର୍ଯ୍ୟ କରେ, ଯାହାକି ମଇଳାଗୁଡ଼ିକୁ ଓଳାଇଦିଏ ଏବଂ ଉପରିଭାଗଟିକୁ ପୂର୍ବ ଅପେକ୍ଷା ଅଧିକ ପରିଷ୍କାର ରଖିଥାଏ ।

ଏକ ନିର୍ମଳ ଦୋଷସ୍ୱୀକାର, ଯଦି ତା' ସହିତ ଆଉ କେବେହେଲେ ଦୋଷ ନ କରିବାର ଏକ ଶପଥ ଯୁକ୍ତ ହୋଇ ରହିଥାଏ, ଏବଂ ଯିଏ ସେଗୁଡ଼ିକୁ ଗ୍ରହଣ କରିବାଲାଗି ପ୍ରକୃତରେ ଅଧିକାରୀ ଯେତେବେଳେ ତାଙ୍କରି ଆଗରେ ତାହାକୁ ନିବେଦନ କରି ଦିଆଯାଏ, ତେବେ ଆମେ ତାହାକୁ ଶୁଦ୍ଧତମ ଅନୁତାପ ବୋଲି କହିପାରିବା ।

ଯେଉଁ ବ୍ୟକ୍ତି ଅତୀତ ସହିତ ସମସ୍ତ ସମ୍ପର୍କ ତୁଟାଇ ଦେଇପାରିଛି, ସିଏ ନିଜକୁ ଜଣେ ଭିନ୍ନ ବ୍ୟକ୍ତି ବୋଲି ଅନୁଭବ କରିଥାଏ । ତା'ର ଅତୀତର ଭୁଲଗୁଡ଼ିକୁ ସ୍ୱୀକାର କରିବାକୁ ସେ ଆଦୌ କୌଣସି ଲଜ୍ଜାବୋଧ କରେ ନାହିଁ କାରଣ, ସେହି ଭୁଲ୍‌ସବୁ ତାକୁ ଆଦୌ ସ୍ପର୍ଶ କରୁ ନାହାନ୍ତି ବୋଲି ସେ ଭଲଭାବରେ ଜାଣିଥାଏ ।

ଜଣେ ରୋଗୀ ତା'ର ରୋଗଟିକୁ କଦାପି ଗୁପ୍ତ କରି ରଖିପାରିବ ନାହିଁ । ଯଦି ସେ ସେପରି କରିବ, ତେବେ ସେ ନିଜେ ନିଜର ଶତ୍ରୁ ହୋଇଯିବ ।

ଭଗବାନଙ୍କ ଆଖିରେ ପାପୀ ଆଉ ସନ୍ଥ ଉଭୟେ ସମାନ । ଉଭୟଙ୍କୁ ସମାନ ନ୍ୟାୟ ଅବଶ୍ୟ ମିଳିବ ଏବଂ ଉଭୟଙ୍କୁ ହିଁ ଆଗକୁ ଅଥବା ପଛକୁ ଯିବାଲାଗି ସମାନ ସୁଯୋଗ ଦିଆଯିବ । ଦୁହେଁ ହେଉଛନ୍ତି ତାଙ୍କର ସନ୍ତାନ, ତାଙ୍କରି ଦ୍ୱାରା ସୃଷ୍ଟ । ଯେଉଁ ସନ୍ଥ ନିଜକୁ ଜଣେ ପାପୀଠାରୁ ବଡ଼ ବୋଲି ବିଚାର କରୁଥାଏ, ସେ ନିଜର ସନ୍ଥପଣକୁ ହରାଇବସେ ଏବଂ ପାପୀଠାରୁ ଆହୁରି ତଳକୁ ଖସିଯାଏ । କାରଣ ଗର୍ବୀ ସନ୍ଥଟି ପରି, ପାପୀଟି ସିଏ ପ୍ରକୃତରେ କ'ଣ କରୁଛି, ସେ ବିଷୟରେ କିଛି ଜାଣି ନଥାଏ । ମୁଁ ସମ୍ପୂର୍ଣ୍ଣ ନିଷ୍କପଟ ଭାବରେ ମୋ'ର ବହୁ ପାପକୁ ସ୍ୱୀକାର କରିଛି । ମାତ୍ର ମୁଁ ସେଗୁଡ଼ିକର ବୋଝକୁ ଆଦୌ ନିଜ କାନ୍ଧ ଉପରେ ବୋହୁନାହିଁ । ଯଦି ମୁଁ ଭଗବାନଙ୍କ ଆଡ଼କୁ ଗତି କରୁଥାଏ, ମୁଁ ତାହା ହିଁ କରୁଛି ବୋଲି ନିଜେ ଅନୁଭବ କରୁଛି ତେବେ ମୋ' ଉପରେ କୌଣସି ବିପଦ ଆସି ପଡ଼ିବ ନାହିଁ । କାରଣ, ମୁଁ ତାଙ୍କ ସାନ୍ନିଧର ସୂର୍ଯ୍ୟକିରଣଟିର ଉଷ୍ମତାକୁ ଅନୁଭବ କରିପାରୁଛି, ମୋ'ର ତପଶ୍ଚାରଣା- ଏହିସବୁ ଉପବାସ, ପ୍ରାର୍ଥନା ସବୁକିଛିର ଆଦୌ କୌଣସି ମୂଲ୍ୟ ନାହିଁ ବୋଲି ମୋତେ ଜଣା ଅଛି । ସେଗୁଡ଼ିକ ମୋ'ର ସଂସ୍କାରବିଧାନ କରିଦେବେ ବୋଲି ମୁଁ କଦାପି ବିଶ୍ୱାସ କରି ପାରିବି ନାହିଁ । ମାତ୍ର, ଯଦି ସେମାନେ ଆପଣାର କ୍ଳାନ୍ତ ମସ୍ତକଟିକୁ ନେଇ ତା'ର ପରମ ସୃଷ୍ଟିକର୍ତ୍ତାର କ୍ରୋଡ଼ରେ ରଖୁଦେବା ସକାଶେ ଚେଷ୍ଟା କରୁଥିବା ଏକ ଆତ୍ମାର ଆକାଂକ୍ଷାଗୁଡ଼ିକର ପ୍ରତିନିଧତ୍ୱ କରୁଥାନ୍ତି, ତେବେ ସେଗୁଡ଼ିକର ଏକ ଅପରିମେୟ ମୂଲ୍ୟ ଅବଶ୍ୟ ରହିଛି ।

ମନୁଷ୍ୟ ମାତ୍ରକେ ସମସ୍ତେ ଭୁଲ୍ କରନ୍ତି । ଦୋଷଗୁଡ଼ିକୁ ସ୍ୱୀକାର କରିବା ଦ୍ୱାରା ଆମେ ନିଜର ଭୁଲ୍‌ଗୁଡ଼ିକୁ ଅଗ୍ରଗତି ଆଡ଼କୁ ପାଦ ପକାଇ ପାରୁଥିବାର ପଥର ରୂପେ ବଦଳାଇ ଦେଇଥାଉ । ଅନ୍ୟ ପକ୍ଷରେ, ଯେଉଁ ବ୍ୟକ୍ତି ନିଜର ଭୁଲ୍‌ଗୁଡ଼ିକୁ ଲୁଚାଇ ରଖିବାଲାଗି ଚେଷ୍ଟା କରୁଥାଏ ସିଏ ଏକ ଜୀବନ୍ତ ପ୍ରବଞ୍ଚନାରେ ପରିଣତ ହୋଇଯାଏ ଓ ତଳକୁ ତଳକୁ ଖସି ଯାଉଥାଏ । ମନୁଷ୍ୟ ପଶୁ ନୁହେଁ କିମ୍ବା ଭଗବାନ୍ ମଧ ନୁହେଁ । ସିଏ ହେଉଛି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଥିବା ଏପରି ଏକ ପ୍ରାଣୀ, ଯିଏକି ତା'ର ଦିବ୍ୟତାକୁ ଉପଲବ୍ଧି କରିବା ନିମନ୍ତେ ପ୍ରୟାସ କରୁଛି । ଅନୁତାପ ଏବଂ ଆତ୍ମା-ଶୁଦ୍ଧିକରଣ ଏହାର ପନ୍ଥା । ଯେଉଁ ମୁହୂର୍ତ୍ତରେ ଆମେ ଅନୁତାପ କରିବା ଏବଂ ଆମର ଦୋଷ ନିମନ୍ତେ ଈଶ୍ୱରଙ୍କ ପାଖରେ କ୍ଷମାଭିକ୍ଷା କରିବା, ତେବେ ଆମର ପାପ ଆମକୁ ଛାଡ଼ି ଚାଲିଯିବ ଏବଂ ଆମଲାଗି ଏକ ନୂତନ ଜୀବନର ପ୍ରାରମ୍ଭ ହେବ । ଯଥାର୍ଥ ଅନୁତାପ ହେଉଛି ପ୍ରାର୍ଥନା ପାଇଁ ଏକ ଅସଲ ଆବଶ୍ୟକତା ।

କେବଳ ମୁହଁର କଥା ଦ୍ୱାରା ଛି ଛି ବୋଲି କହିଲେ କୌଣସି ପାପର କ୍ଷାଳନ ହୋଇ ପାରିବ ନାହିଁ ।

ଜାଣିବାକୁ ପାଇବା ମାତ୍ରକେ କୌଣସି ଭୁଲ୍ କିମ୍ବା ପାପକୁ ସ୍ୱୀକାର କରିବାର ଅର୍ଥ ହେଉଛି ତାହାକୁ ନିଜ ଭିତରୁ କାଢ଼ି ବାହାର କରିଦେବା ।

କୁତ୍ସାରଟନା ଏବଂ କୌଣସି କଥାକୁ ମିଛ ରୂପ ଦେଇ କହିବା ସାଧାରଣ ଲୋକଙ୍କର ସଙ୍ଗୀ ହୋଇ ରହିଆସିଛି । ଅପ୍ରତିରୋଧ ଦ୍ୱାରା ହିଁ ଆମେ ପ୍ରତିପକ୍ଷ ଉପରେ ବିଜୟଲାଭ କରିପାରିବା ।... ତେଣୁ, ସାଧାରଣଭାବରେ କହିବାକୁ ଗଲେ, ମୋ'ର ପରାମର୍ଶ ହେଉଛି ଯେ, ଆମେ କେବେହେଲେ ଭିତ୍ତିହୀନ ଏବଂ ବିଦ୍ୱେଷପୂର୍ଣ୍ଣ ଆରୋପଗୁଡ଼ିକୁ କୌଣସି ଦୃଷ୍ଟି ଦେବାନାହିଁ ମାତ୍ର କୁତ୍ସାରଟନାକାରୀକୁ କେବଳ କୃପା ହିଁ କରିବା ଏବଂ ଶେଷରେ ତା'ର ମଧ ଚିତ୍ତପରିବର୍ତ୍ତନ ହେଉ ବୋଲି ଆଶା ରଖୁଥିବା, ସେଥିଲାଗି ପ୍ରାର୍ଥନା ମଧ କରୁଥିବା ।

ନିଜ ପାଖରେ ନିଜେ ସଚ୍ଚୋଟ ରହିବ, ତାହା ହିଁ ଯଥେଷ୍ଟ । ତେବେ ଜଣେ ବ୍ୟକ୍ତି ନିରାପଦଭାବରେ 'ଲୋକରଟନାର ଆବିଳ ଜଳଗୁଡ଼ିକୁ ବହିଯିବାକୁ' ଛାଡ଼ିଦେଇ ପାରିବ ।

ଧୂଆଁପତ୍ର ମନୁଷ୍ୟସମାଜର କେବଳ ସର୍ବନାଶ ହିଁ କରିଛି । ଥରେ ତା'ର ଜାଲ ଭିତରେ ଯାଇ ପଡ଼ିଗଲେ, ତା'ଭିତରୁ ମୁକ୍ତ ହୋଇ ପାରୁଥିବା ମଣିଷ କ୍ୱଚିତ୍ର ଦେଖିବାକୁ ମିଳିବେ । ଟଲଷ୍ଟୟ ଏହାକୁ ସବୁଠାରୁ ଅଧିକ କ୍ଷତିକାରକ ନିଶା ବୋଲି କହିଛନ୍ତି ।

ଭାରତବର୍ଷରେ ଲୋକେ ଧୂମ୍ରପାନ ପାଇଁ, ନାସରେ ନେବାପାଇଁ କିମ୍ବା କଳରେ ଜାକିବା ପାଇଁ ଧୂଆଁପତ୍ରର ବ୍ୟବହାର କରନ୍ତି । ସ୍ୱାସ୍ଥ୍ୟର ପ୍ରେମୀ ଅଥବା ଅନ୍ୱେଷୀମାନେ ଯଦି ଏଥିରୁ କୌଣସି ଗୋଟିଏ ଅନିଷ୍ଟକାରକ ଅଭ୍ୟାସ ଭିତରେ ଯାଇ ପଡ଼ି ଯାଇଥାନ୍ତି, ସେମାନଙ୍କୁ ଦୃଢ଼ ସଂକଳ୍ପ କରି ସେହି ଦାସତ୍ୱ ମଧରୁ ବାହାରି ଆସିବାକୁ ପଡ଼ିବ । ଏହି ଅଭ୍ୟାସଗୁଡ଼ିକ ମଧରୁ ଏକାଧିକ ବ୍ୟକ୍ତି ଗୋଟିକର, ଦୁଇଟିର ଅଥବା ତିନୋଟିଯାକର କବଳରେ ପଡ଼ି ଯାଇଥାନ୍ତି । ସେହିସବୁ ଅଭ୍ୟାସକୁ ସେମାନେ ଘୃଣ୍ୟ ବୋଲି ଦେଖିପାରନ୍ତି ନାହିଁ । ମାତ୍ର, ଯଦି ଆମେ ଶାନ୍ତ ହୋଇ ଏ ବିଷୟରେ ବିଚାର କରିବା, ତେବେ ଅବଶ୍ୟ ହୃଦୟଙ୍ଗମ କରି ପାରିବା ଯେ, ପ୍ରାୟ ଦିନମାନ ସବୁବେଳେ ଧୂମ୍ରପାନ କରି ଧୂଆଁ ଛାଡ଼ିବା, ପାଟି ଭିତରେ ଧୂଆଁପତ୍ର ବା ପାନ ଭର୍ତ୍ତି କରି ରଖୁଥିବା କିମ୍ବା ନାସଦାନୀକୁ ଖୋଲି ତୁହାକୁ ତୁହା ନସ୍ୟଗ୍ରହଣ କରିବାରେ ଲାଗିଥିବା—ଏଗୁଡ଼ିକରେ ଶୋଭନୀୟ ବୋଲି ମୋଟେ କିଛିହେଲେ ନଥାଏ । ଏହି ତିନୋଟିଯାକ ଅଭ୍ୟାସ ହେଉଛି ଅତି ଅପରିଚ୍ଛନ୍ନ ଅଭ୍ୟାସ ।

ସୁରାପାନ ପରି ଧୂମ୍ରପାନକୁ ମଧ ମୁଁ ଆତଙ୍କର ସହିତ ଦେଖିଥାଏ । ଧୂମ୍ରପାନକୁ ମୁଁ ଏକ ପାପ ବୋଲି ବିଚାର କରେ । ତାହା ବିବେକକୁ ଜଡ଼ କରିଦିଏ ଏବଂ ଅଦୃଶ୍ୟ ଭାବରେ କାର୍ଯ୍ୟ କରୁଥିବାରୁ ତାହାକୁ ମଦ୍ୟପାନଠାରୁ ଅଧିକ ଖରାପ ବୋଲି କୁହାଯିବ । ଥରେ କୌଣସି ମନୁଷ୍ୟ ତା'ର ଜାଲରେ ପଡ଼ିଗଲେ ସେଥିରୁ ନିବୃତ୍ତି ପାଇବା ଅତ୍ୟନ୍ତ କଷ୍ଟକର ହୋଇଥାଏ । ଏହା ଏକ ମହାର୍ଘ ପାପବ୍ୟସନ । ତାହା ନିଃଶ୍ୱାସକୁ ଦୁର୍ଗନ୍ଧଯୁକ୍ତ କରେ, ଦାନ୍ତଗୁଡ଼ିକୁ କଳା କରିଦିଏ ଏବଂ ବେଳେବେଳେ କର୍କଟରୋଗର ମଧ କାରଣ ହୋଇଥାଏ । ଏହା ହେଉଛି ଗୋଟିଏ ବଡ଼ କୁତ୍ସିତ ଅଭ୍ୟାସ । ଗୋଟିଏ ଦୃଷ୍ଟିରୁ ଦେଖିଲେ ଧୂମ୍ରପାନ ସୁରାପାନଠାରୁ ଏକ ଅଧିକ ବଡ଼ ଅଭିଶାପ । କାରଣ ତାହାର କବଳରେ ପଡ଼ିଥିବା ବ୍ୟକ୍ତି ଉଚିତ ସମୟରେ ତାହାର ଅନିଷ୍ଟକାରିତାକୁ ହୃଦୟଙ୍ଗମ କରିପାରେ ନାହିଁ । ଏହାକୁ କେହି ଏକ ବର୍ବରତା ବୋଲି ବିଚାର କରନ୍ତି ନାହିଁ । ସଭ୍ୟ ମନୁଷ୍ୟମାନେ ତ ତାହାର ପ୍ରଶଂସା ମଧ କରିଥାନ୍ତି । ମୁଁ କେବଳ ଏତିକି କହିବି ଯେ, ଯେଉଁମାନେ ପାରୁଛନ୍ତି, ସେମାନେ ଏହି ଅଭ୍ୟାସଟିକୁ ଛାଡ଼ିଦିଅନ୍ତୁ ଏବଂ ଏକ ଦୃଷ୍ଟାନ୍ତ ଦେଖାନ୍ତୁ ।

# ସ୍ୱର୍ବେଦ

**ପ୍ରଥମ ଧାରଣା କୀଜିୟେ, ସ୍ଥିର ସୁମିରନ ଜ୍ଞାନ ।**
**ସୁମିରନ ପର ଅବ ଭଜନ ହୈ, ଅନୁଭଓ୍ୱ ଶବ୍ଦ ମହାନ ॥୨୨॥**

ଭାଷ୍ୟ - ଆତ୍ମାର ଚେତନା ଯେତେବେଳେ ଗୋଟିଏ ସ୍ଥାନରେ ସ୍ଥିର ହୋଇଯାଏ, ସେତେବେଳେ ଧାରଣା ହୋଇଥାଏ ଆଉ ନିଜ ଜ୍ଞାନ ବଳରେ ସ୍ମରଣ ହୋଇଥାଏ । ଯେତେବେଳେ ଶବ୍ଦର ଅନୁଭବ ହୁଏ ସେତେବେଳେ ଶୁଦ୍ଧ ଚେତନ ସ୍ୱରୂପରେ ପ୍ରଭୁଙ୍କର ଭଜନ ହୋଇଥାଏ । ପରଂବ୍ରହ୍ମଙ୍କୁ ଶବ୍ଦ କହନ୍ତି ଏବଂ ତାଙ୍କୁ ବେଦରେ ପରମ ଅକ୍ଷର ବୋଲି ଅଭିହିତ କରାଯାଇଛି । ଶବ୍ଦ ଅନୁଭବ ହିଁ ପ୍ରଭୁଙ୍କର ଉପାସନା ଆଉ ଅନ୍ୟ ଅର୍ଥରେ ଭକ୍ତି ଅଟେ ।

**ଭଜନ ଅଓ୍ୱସ୍ଥା ଦୋୟ ହୈ, ଏକ ଦୃଷ୍ଟି ଏକ ଅନ୍ତ ।**
**ଧ୍ୟାନ ସମାଧୀ ରୂପ ହୈ, ଯହ ଗତି ଜାନତ ସନ୍ତ ॥୨୩॥**

ଭାଷ୍ୟ - ଭଜନର ଦୁଇଟି ଅବସ୍ଥା ଅଛି - ପ୍ରଥମଟି ଧ୍ୟାନ ଏବଂ ଦ୍ୱିତୀୟଟି ହେଉଛି ସମାଧି । ନିଜ ସ୍ୱରୂପର ପ୍ରାପ୍ତି ହେବାପରେ ଧ୍ୟାନ ଓ ସମାଧି ଏହି ଦୁଇ ସ୍ୱରୂପ ହୋଇଥାଏ । ଏହି ଅନୁଭବ ରହସ୍ୟକୁ ସନ୍ଥଜନ ଜାଣିଥାନ୍ତି ।

**ସହଜ ଶବ୍ଦ ଏକ ଉଦୟ ହୈ, ପରମ ପୁରୁଷ ହୈ ସୋୟ ।**
**ଜ୍ଞାନ ଦୃଷ୍ଟି ତେହି ଲାଇୟେ, ଶଶି ଚକୋର ଗତି ହୋୟ ॥୨୪॥**

ଭାଷ୍ୟ - ଚେତନ ପ୍ରଦେଶରେ ଯେଉଁ ସହଜ ଶବ୍ଦ ପ୍ରକଟ ହୁଏ, ତାହା ପରମ ପୁରୁଷ ଅଟେ । ତାହାକୁ ଚନ୍ଦ୍ର ଓ ଚକୋର ପରି ନିଜ ଚେତନ ଦୃଷ୍ଟିରେ ଅନୁଭବ ତଥା ପ୍ରତ୍ୟକ୍ଷ କରନ୍ତୁ ।

**ଶବ୍ଦ ସୁରତି ସମ ତାର ହୈ, ଚନ୍ଦ୍ର ଚକୋର ସ୍ୱଭାଓ୍ୱ ।**
**ଶିଖା ଅଖଣ୍ଡ ଅକମ୍ପ ହୈ, ଧ୍ୟାନ ସ୍ୱଲକ୍ଷ୍ୟ ପ୍ରଭାଓ୍ୱ ॥୨୫॥**

ଭାଷ୍ୟ - ଯେଉଁ ପ୍ରକାର ଚକୋର ଜହ୍ନକୁ ଦେଖେ, ସେହି ପ୍ରକାର ଶବ୍ଦରେ ସୁରତି ଏକ ସମାନ ଲାଗି ରହି ନିଜ ଲକ୍ଷ୍ୟର ଅଖଣ୍ଡ ଏବଂ କମ୍ପହୀନ ଜ୍ୟୋତିକୁ ଦେଖିବା ଧ୍ୟାନ ଅଟେ । ଏକନିଷ୍ଠ ଭାବରେ ଧ୍ୟେୟରେ ଦୃଷ୍ଟି ଲଗାଇବା ଧ୍ୟାନ ଅଟେ । ଧ୍ୟାନରେ ଆତ୍ମାର ସ୍ଥିତି ଚନ୍ଦ୍ର-ଚକୋରବତ୍ ରହିଥାଏ । ଏହି ଧ୍ୟାନ ଜଡ଼ ପ୍ରକୃତିକୁ ଅତିକ୍ରମ କରି ଚେତନ ଦ୍ୱାରା ଚେତନ ପ୍ରଦେଶରେ ହୋଇଥାଏ । ଯେତେବେଳ ପର୍ଯ୍ୟନ୍ତ ଧ୍ୟେୟ ପ୍ରତ୍ୟକ୍ଷ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଧ୍ୟାନ ହୋଇ ନ ଥାଏ । ସେଥିପାଇଁ ଧ୍ୟେୟକୁ ଦେଖିବା ଧ୍ୟାନ ଅଟେ । ଧ୍ୟାନରେ ଧ୍ୟାତା ଓ ଧ୍ୟେୟର ଭାବ ରହିଥାଏ । ଏହାକୁ ତ୍ରିପୁଟୀ କୁହାଯାଏ ।

**ଏକ ତାନତା ଧ୍ୟାନ ହୈ, ତ୍ରାଟକ ଶବ୍ଦ ସ୍ୱରୂପ ।**
**ତନ ମନ କୀ କଛୁ ସୁଧି ନହୀଁ,**




**ପାୟା ପୁରୁଷ ଅନୂପ ॥୨୬॥**

ଭାଷ୍ୟ - ଶବ୍ଦ ସ୍ୱରୂପ ପରଂବ୍ରହ୍ମଙ୍କ ନିକଟରେ ଏକାଗ୍ର ଭାବରେ ତ୍ରାଟକ ଅର୍ଥାତ୍ ଲୟ ଲଗାଇବା ଧ୍ୟାନ ଅଟେ । କୌଣସି ବସ୍ତୁକୁ ଏକ ଲୟରେ ଦେଖିବାକୁ ତ୍ରାଟକ କହିଥାନ୍ତି । ଧ୍ୟାନରେ ଶରୀର ଏବଂ ମନର କିଛି ଜ୍ଞାନ ରହେନାହିଁ । ଧ୍ୟାନକାରୀ ଧ୍ୟେୟର ସ୍ୱରୂପକୁ ଦେଖିବା ଧ୍ୟାନ ଅଟେ । ଧ୍ୟାନ ଦ୍ୱାରା ଅନୁପମ ପୁରୁଷଙ୍କ ପ୍ରାପ୍ତି ହୋଇଥାଏ । ଧ୍ୟାନ ସାଧନ ଅଟେ ଆଉ ଧ୍ୟେୟ ଲକ୍ଷ୍ୟ ଅଟେ ।

**ଧ୍ୟାନ ଦଶା ତନ୍ମୟ ଭୟା, ସଚ୍ଚିଦାନନ୍ଦ ସ୍ୱରୂପ ।**
**ଯହ ତୋ ଅନ୍ତ ସମାଧି ହୈ, ଜ୍ଞାନ ନ ଆତମ ରୂପ ॥୨୭॥**

ଭାଷ୍ୟ - ଧ୍ୟାନ କରୁ କରୁ ଯେତେବେଳେ ଧ୍ୟାତା ଧ୍ୟେୟ ସ୍ୱରୂପକୁ ଆସିଯାଏ ସେତେବେଳେ ଜୀବ ବ୍ରହ୍ମର ସାଧର୍ମ୍ୟକୁ ପ୍ରାପ୍ତକରି ସଚ୍ଚିଦାନନ୍ଦ ସ୍ୱରୂପ ହୋଇଯାଏ । ଧ୍ୟାନର ଅନ୍ତିମ ଅବସ୍ଥା ସମାଧି ଅଟେ, ଯେତେବେଳେ ଜୀବ ଲୌହ-ଅଗ୍ନିବତ୍ ବ୍ରହ୍ମ ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ସମାଧିରେ ଆତ୍ମା ନିଜ ସ୍ୱରୂପର ଜ୍ଞାନ ରଖେନାହିଁ । ସମସ୍ତ ଚେତନା ଧ୍ୟେୟରେ ଲାଗି ଧ୍ୟେୟ ସ୍ୱରୂପ ହୋଇଯାଏ, ନିଜର ଜ୍ଞାନ ବୋଲି କିଛି ରହେନାହିଁ ।

**ଆପନ ରୂପ ବନାଇୟା, ଲୋହା ଅଗିନ ସ୍ୱରୂପ ।**
**ସତ୍ତା ଦୋନୌଁ ଅଲଗ ହୈ, ହଁସ ପୁରୁଷ କର ରୂପ ॥୨୮॥**

ଭାଷ୍ୟ - ନିଆଁରେ ଲୁହା ଜଳିବା ଫଳରେ ଅଗ୍ନିର ସ୍ୱରୂପ ହୋଇଯାଏ । ସେହି ପ୍ରକାର ଯୋଗାଗ୍ନିରେ ଜଳି ଜଳି ଜୀବ ବ୍ରହ୍ମର ସ୍ୱରୂପ ହୋଇଯାଏ । ଯେଉଁ ପ୍ରକାର ଲୁହା ଓ ନିଆଁ ଦୁହେଁ ଦୁଇ ଭିନ୍ନ ପଦାର୍ଥ ଅଟନ୍ତି, ସେହି ପ୍ରକାର ଜୀବ ଆଉ ବ୍ରହ୍ମ ଦୁଇ ଅନାଦି ସତ୍ତା ଭିନ୍ନ ଭିନ୍ନ ଅଟନ୍ତି । ଚେତନ ସତ୍ତାର ଗୁଣ ମିଶି ଦୁହେଁ ଗୋଟିଏ ସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି । ବାସ୍ତବରେ ଦୁଇ ସତ୍ତା ଭିନ୍ନ ଏବଂ ଅଲଗା ବସ୍ତୁ ଅଟନ୍ତି ।

**ତୀନ ଭାଓ୍ୱ ଜବ ତକ ରହେଁ, ଧ୍ୟାତା ଧ୍ୟେୟ ଅରୁ ଧ୍ୟାନ ।**
**ତ୍ରିପୁଟୀ ଚାତକ ରୂପ ହୈ, ଯହ ଲକ୍ଷଣ ହୈ ଧ୍ୟାନ ॥୨୯॥**

ଭାଷ୍ୟ - ଧ୍ୟାତା, ଧ୍ୟାନ ଓ ଧ୍ୟେୟକୁ ତ୍ରିପୁଟୀ କହନ୍ତି ଏବଂ ଧ୍ୟେୟକୁ ଏକ ଲୟରେ ଦେଖିବାକୁ ତ୍ରାଟକ କହନ୍ତି । ଧ୍ୟେୟ, ଧ୍ୟାତା ଏବଂ ଧ୍ୟାନ ଏହି ତିନୋଟିର ସ୍ଥିତି ଯେତେବେଳେ ସ୍ପଷ୍ଟ ପ୍ରତୀୟମାନ ହୁଏ ତାକୁ ଧ୍ୟାନ କହନ୍ତି । ଉପରୋକ୍ତ ଦୋହାରେ ଧ୍ୟାନର ଲକ୍ଷଣ ବିଷୟରେ କୁହାଯାଇଛି । ଏବେ ସମାଧିର ଲକ୍ଷଣ ପରବର୍ତ୍ତୀ ଦୋହାରେ ବର୍ଣ୍ଣନା କରାଯାଇଛି ।

**ଧ୍ୟେୟ ସ୍ୱରୂପ ଧ୍ୟାତା ଭୟା, ଧ୍ୟାନ ସୋ ତତ୍ତ୍ୱ ସମାୟ ।**
**ପରମାନନ୍ଦ ସମାଧି ହୈ, ସହଜ ଯୋଗ ଗତି ପାୟ ॥୩୦॥**

ଭାଷ୍ୟ - ଧ୍ୟାତା ଧ୍ୟେୟ ସ୍ୱରୂପ ପୂର୍ବକ, ଧ୍ୟାନର ଲକ୍ଷ୍ୟରେ ସମାବେଶ ହୋଇ ପରମାନନ୍ଦଙ୍କୁ ପ୍ରାପ୍ତ କରିବା ସମାଧି ଅଟେ । ଧ୍ୟାନକର୍ତ୍ତା ପରମାନନ୍ଦ ସ୍ୱରୂପକୁ ପ୍ରାପ୍ତ କରିବା ସମାଧି ଅଟେ । ଏହି ସମାଧି ଅବସ୍ଥା ସହଜ ଯୋଗ ମାର୍ଗ ଦ୍ୱାରା ପ୍ରାପ୍ତ ହୋଇଥାଏ । ଧ୍ୟାନକାରୀ ଧ୍ୟାନ କରୁ କରୁ ଧ୍ୟେୟର ସ୍ୱରୂପ ହୋଇଯାଏ ଆଉ ଧ୍ୟାନର ଅଭାବ ହୋଇଯାଏ । ଏହାକୁ ସମାଧି କହନ୍ତି ।

**ମନ ବାଁଧ ସୋ ଧାରଣା, ଶବ୍ଦାକାର ସୋ ଧ୍ୟାନ ।**
**ଶବ୍ଦ ସ୍ୱରୂପ ସମାଧି ହୈ, ପରମ ତତ୍ତ୍ୱ ଓ୍ୱିଜ୍ଞାନ ॥୩୧॥**

ଭାଷ୍ୟ - ଗୁରୁ ପ୍ରଦେଶରେ ମନକୁ ରୋଧ କରିବା ଧାରଣା ଅଟେ ଓ ଶବ୍ଦରେ ଏକରୂପ ତଥା ତନ୍ମୟ ହୋଇଯିବା ଧ୍ୟାନ ଅଟେ ଆଉ ଶବ୍ଦସ୍ୱରୂପ ହୋଇଯିବା ସମାଧି ଅଟେ । ଏହା ବ୍ରହ୍ମବିଦ୍ୟାର ଅନୁଭବ ତତ୍ତ୍ୱ ଅର୍ଥାତ୍ ପୂର୍ଣ୍ଣ ବିଜ୍ଞାନ ଅଟେ ।

**ଧ୍ୟେୟ ସ୍ୱରୂପ ଜବ ତକ ନହୀଁ, ତବ ତକ ଜାନିୟେ ଧ୍ୟାନ ।**
**ଧ୍ୟାନ ଧାରଣା ସାଧ ହୈ, ସିଦ୍ଧ ସମାଧି ମହାନ ॥୩୨॥**

ଭାଷ୍ୟ - ଯେତେବେଳ ପର୍ଯ୍ୟନ୍ତ ଧ୍ୟାତା ଧ୍ୟେୟସ୍ୱରୂପ ନ ହୋଇଛି ସେତେବେଳ ପର୍ଯ୍ୟନ୍ତ ଧ୍ୟାନ ଚାଲିଥିବା । ଧ୍ୟାନ ଆଉ ଧାରଣା ଏ ଦୁଇଟି ସାଧନ ଅଟନ୍ତି ଓ ଲକ୍ଷ୍ୟ ପ୍ରାପ୍ତି ସମାଧି ଅଟେ । ଧ୍ୟେୟସ୍ୱରୂପ ହୋଇଯିବା ହିଁ ସମାଧି ଅଟେ । ସମାଧିରେ ଜୀବ ପରମାନନ୍ଦ ପରମ ସୁଖକୁ ପ୍ରାପ୍ତ କରିଥାଏ ।

**ସହଜ ଅଖଣ୍ଡ ସମାଧି ହୈ, ତାକର ଦୋ ହୈ ରୂପ ।**
**ଚେଷ୍ଟା ଭାଓ୍ୱ ଅଭାଓ୍ୱ ହୈ, ଯହ ଗତି ଅଗମ ଅନୂପ ॥୩୩॥**

ଭାଷ୍ୟ - ସହଜ ଆଉ ଅଖଣ୍ଡ ଦୁଇ ପ୍ରକାରର ସମାଧି ହୋଇଥାଏ । ଚେଷ୍ଟାଯୁକ୍ତ ସହଜ ସମାଧି ଆଉ ଚେଷ୍ଟାରହିତ ଅଖଣ୍ଡ ସମାଧି ହୋଇଥାଏ । ଏହା ସମାଧିର ଦୁଇ ଭେଦ ଅଟେ । ଏହି ବିହଙ୍ଗମ ମାର୍ଗ ଅନୁପମ, ଅଗମ ଅଟେ ଯାହା ସଦ୍‌ଗୁରୁ ହଂସମାନଙ୍କୁ ପ୍ରାପ୍ତ ହୋଇଥାଏ ।

**ଅପରଛିନ୍ନ ଓ୍ୱିଭୁ ଶବ୍ଦ ହୈ, ମଣ୍ଡଳ ଏକ ସମାଧି ।**
**ଯହ ଓ୍ୱିରାଜ ପରଧାମ ହୈ, ଶ୍ରୁତି ସନ୍ତନ ସବ ରାଧି ॥୩୪॥**

ଭାଷ୍ୟ - ସଚ୍ଚିଦାନନ୍ଦ ସ୍ୱରୂପ ଶବ୍ଦ ପରଂବ୍ରହ୍ମ ସର୍ବତ୍ର ବ୍ୟାପକ ଅଟନ୍ତି । ମାତ୍ର ସେଥିରେ ସମାଧିର ମଣ୍ଡଳଟିଏ ଅଛି । ତାହା ହେଉଛି ବିରାଜଧାମ ଯାହାର ମହିମା ବେଦରେ ଗାନ କରାଯାଇଛି ଏବଂ ଯାହାର ପ୍ରାପ୍ତି ନିମନ୍ତେ ସନ୍ଥଜନ ମହାପ୍ରଭୁଙ୍କର ଉପସନା କରିଥାନ୍ତି । ଜୀବ ଏକଦେଶୀ ପରିଛିନ୍ନ ବସ୍ତୁ ଅଟେ ସେଥିପାଇଁ ସେମାନଙ୍କର ଜ୍ଞାନ ଧାରଣା ମଧ୍ୟ ତଦ୍ରୂପ ହେବ । ସେଥିପାଇଁ ବିରାଜଧାମ ସମାଧିର ଗୋଟିଏ ମଣ୍ଡଳ ଅଟେ ।

**ହଁସ ଶବ୍ଦ ଆନନ୍ଦ ମେଁ, ଭୂଲେ ଚେତନ ରୂପ ।**
**ଯହ ମହିମା ହୈ ଶବ୍ଦ କୀ, ଅଦ୍‌ଭୁତ ଶବ୍ଦ ସ୍ୱରୂପ ॥୩୫॥**

ଭାଷ୍ୟ - ଜୀବାତ୍ମା ଶବ୍ଦର ଆନନ୍ଦରେ ନିଜ ଚେତନ ସ୍ୱରୂପକୁ ଭୁଲିଯାଏ । ଏହା ଅଦ୍‌ଭୁତ ଶବ୍ଦ ସ୍ୱରୂପ ପରଂବ୍ରହ୍ମଙ୍କର ଅପୂର୍ବ ମହିମା ଅଟେ ।

**ଉତ୍ତମ ଘାଟୀ ଯୋଗ କୀ, ଅଜ ଅନାଦି ଗୁରୁ ଭେଦ ।**
**ପରମ ପୁରୁଷ କୀ ଧାର ହୈ, ଗାଓ୍ୱେଁ ଚାରୋଁ ଓ୍ୱେଦ ॥୩୬॥**

ଭାଷ୍ୟ - ଯୋଗର ଉତ୍ତମ ଘାଟି ଅର୍ଥାତ୍ ମାର୍ଗ ନିତ୍ୟ ଅନାଦି ସଦ୍‌ଗୁରୁ ଦେବଙ୍କର ଅଟେ । ତାଙ୍କ ଦ୍ୱାରା ପରମ ପୁରୁଷଙ୍କ ପ୍ରବାହ ଆତ୍ମାକୁ ପ୍ରାପ୍ତ ହୁଏ ଯାହାର ମହିମା ଚାରି ବେଦରେ ଗାନ କରାଯାଇଛି ।

## ସ୍ୱାସ୍ଥ୍ୟ- ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଚିନାବାଦାମ

ଚିନାବାଦାମ ଖାଇଲେ ତାହା ରକ୍ତ ସଞ୍ଚାଳନକୁ ପୂର୍ବାପେକ୍ଷା ସକ୍ରିୟ କରିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ମତ ଦେଇଛନ୍ତି । ତା' ସହ ଏହା ଚର୍ମକୁ ସୂର୍ଯ୍ୟକିରଣ ପ୍ରଭାବରୁ ମଧ ରକ୍ଷା କରେ । ଦୃଷ୍ଟିଶକ୍ତି ପାଇଁ ଚିନାବାଦାମ ବେଶ୍ ଉପକାରୀ । ଆଖି ତଳ କଳା ପଡ଼ିବା, ଆଖି କୁଣ୍ଡେଇ ହେବା ଆଦି ଆଶଙ୍କାରୁ ଏହା କେତେକାଂଶରେ ଦୂରେଇ ରଖିଥାଏ । ଏଥିରେ ଓମେଗା ଫ୍ୟାଟି ଏସିଡ ଓ ଖଣିଜ ଲବଣ ପୂର୍ଣ୍ଣମାତ୍ରାରେ ଥିବାରୁ ଏହା ଦୃଷ୍ଟି ଶକ୍ତି ବଢ଼ାଇଥାଏ । ବାଦାମରେ ଥିବା ଓମେଗା ଫ୍ୟାଟି ଏସିଡ ଶରୀରରେ ରକ୍ତ ପ୍ରବାହକୁ ସକ୍ରିୟ କରିଥାଏ । ଚିନାବାଦାମରେ ଭିଟାମିନ୍ ଓ ଖଣିଜ ଲବଣ ଭରି ରହିଛି । ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ସୃଷ୍ଟି କରିଥାଏ । ଏହା ମଧ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖେ । ଏହା ମଧ ଭିଟାମିନ୍ 'ବି'ର ଅନ୍ୟତମ ଉତ୍ସ ।



## କଲେଷ୍ଟ୍ରୋରଲ ନିୟନ୍ତ୍ରଣ କରେ ଭେଣ୍ଡି

ଭେଣ୍ଡିର ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ୍ ନିୟନ୍ତ୍ରଣ ହୋଇ ରହିଥାଏ । ବିଶେଷଜ୍ଞଙ୍କ ମତରେ ଭେଣ୍ଡି ସେବନ ଦ୍ୱାରା ମୋଟାପଣ ହ୍ରାସ ସହ ମଧୁମେହ ଓ ହୃଦୟ ଜନିତ ରୋଗ ହେବାର ସମ୍ଭାବନା ଖୁବ୍ କମ୍ ଥାଏ । ଭେଣ୍ଡିର ବ୍ୟଞ୍ଜନ ଅଧିକାଂଶ ଦେଶରେ ଉପଲବ୍ଧ । ବିଭିନ୍ନ ଦେଶରେ ଏହାର ଭିନ୍ନ ନାମ ମଧ ରହିଛି । ଏଥିରେ କ୍ୟାଲସିୟମ, ପୋଟାସିୟମ, ମେଗ୍ନେସିୟମ, ଫସଫରସ, ଆଇରନ, ଭିଟାମିନ ସି ଆଦି ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି । ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ତେଣୁ ଡାକ୍ତର ମଧ ସୁସ୍ଥ ରହିବା ପାଇଁ ଖାଦ୍ୟରେ ଭେଣ୍ଡି ସାମିଲ କରିବାକୁ ପରାମର୍ଶ ଦେଇଥାଆନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଭେଣ୍ଡିରେ ଉପକାରୀ ଫାଇବର ଓ ଅନ୍ୟ ପୋଷକ ତତ୍ତ୍ୱ ରହିଛି । ଏହା କୋଲେଷ୍ଟେରୋଲ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେଣୁ କୋଲେଷ୍ଟେରୋଲ୍ ଓ ହୃଦୟ ଜନିତ ସମସ୍ୟା ଥିବା ବ୍ୟକ୍ତି ବିଶେଷ ନିଶ୍ଚୟ ଭେଣ୍ଡିର ସେବନ କରିବା ଉଚିତ । ସେହିପରି ମଧୁମେହ ରୋଗୀ ମଧ ଭେଣ୍ଡିକୁ ବତୁରାଇ ଏହାର ପାଣି ପିଇବା ଖୁବ ଉପକାରୀ । ଏହାର ସେବନ ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରଣ ହୋଇ ରହିଥାଏ ।



## ଟିକିଏ ହସନ୍ତୁ

**ଶିକ୍ଷକ ଚିଣ୍ଟୁକୁ :** ଆଜିକାଲି ତୁ ଏତେ ବଦ୍‌ମାସୀ କରୁଛୁ ଯେ, ମୋ ମୁଣ୍ଡ ଖରାପ ହେଇ ଗଲାଣି ।
କାଲି ହିଁ ତମ ଘରକୁ ଯାଇ ତୋ' ବାପାଙ୍କୁ ଦେଖା କରିବି ।
**ଚିଣ୍ଟୁ :** ବାପାଙ୍କୁ କାହିଁକି ଦେଖା କରିବେ ? ମୋ ଦାଦାଙ୍କୁ ଦେଖା କରନ୍ତୁ ।
**ଶିକ୍ଷକ :** କାହିଁକି ?
**ଚିଣ୍ଟୁ :** କାରଣ ସେ ହେଉଛନ୍ତି ସାଇକାଟ୍ରିଷ୍ଟ ।

× × × × ×

ପପୁ ବାପାଙ୍କୁ: ବାପା ମର୍ଦ୍ଦ କାହାକୁ କୁହନ୍ତି ?
ବାପା: ଯିଏ ପୁରା ଘରେ ନିଜର ହୁକୁମ ଚଳାନ୍ତି, ସେ ହେଉଛନ୍ତି ମର୍ଦ୍ଦ ।
ପପୁ: ମୁଁ ବି ବଡ଼ ହେଲେ ମାମାଙ୍କ ପରି ମର୍ଦ୍ଦ ହେବି ।

× × × × ×

**୩ ବର୍ଷର ଗୋଲୁ ବାପାଙ୍କୁ;** ବାପା ମତେ ଶୀଘ୍ର ବାହା କରେଇଦିଅ ।



**ବାପା :** କାହିଁକି ?
**ଗୋଲୁ :** ଜଲ୍‌ଦୀ କରାଅ, ନ ହେଲେ ମୁଁ ଜେଜେମା'କୁ ବାହା ହେଇଯିବି ।
**ବାପା :** କ'ଣ ? ତୁ ମୋ ମା'କୁ ବାହା ହେବୁ ?
**ଗୋଲୁ :** ହଁ, ତମେ ବି ତ ମୋ ମାମାକୁ ବାହା ହେଇଛ ନା ।

× × × × ×

ସ୍ତ୍ରୀ ରାଗିକି ସ୍ୱାମୀଙ୍କୁ ଅଫିସ୍‌ରୁ ଆସିବା ପାଇଁ ଆଜି ଏତେ ଲେଟ୍ କ'ଣ ହେଲା ? ମୁଁ ତ କେବେଠୁ ତୁମକୁ ଅପେକ୍ଷା କରିଛି ।
**ସ୍ୱାମୀ :** ବସ୍ ଅଟକେଇ ଦେଇଥିଲେ, ତାଙ୍କ ସହ ଡିନର୍ କରୁଥିଲି ।
**ସ୍ତ୍ରୀ :** ଓ ! ତା'ହେଲେ ଡିନର୍ କରିକି ଆସିଛ । ହଉ, କ'ଣ କ'ଣ ଖାଇଲ ଟିକେ କହିବ ।
**ସ୍ୱାମୀ :** ବହୁତ ଗୁଡାଏ ଗାଳି.. ।

× × × × ×

ପ୍ରଥମ ଥର ଲଞ୍ଚ ଡେଟ୍‌ରେ ଯାଇଥିବା ପ୍ରେମିକ ପ୍ରେମିକାକୁ: ମୁଁ ତୁମକୁ ଗୋଟେ କଥା କହିବାକୁ ଚାହେଁ ।
**ପ୍ରେମିକା :** କ'ଣ ?
**ପ୍ରେମିକ :** ମୋର ଜଣେ ଗର୍ଲଫ୍ରେଣ୍ଡ ଥିଲେ । ତାଙ୍କ ସହ ମୋର ବ୍ରେକ୍‌ଅପ୍ ହେଇ ଯାଇଛି କିନ୍ତୁ ଏବେବି ସେ ମୋର ଜଣେ ଭଲ ବାନ୍ଧବୀ ଭାବେ ସମ୍ପର୍କରେ ଅଛନ୍ତି ।
**ପ୍ରେମିକା :** ଓ.. ଏଇକଥା ତମେ ତ ମତେ ପୁରା ଡରେଇ ଦେଇଥିଲ ଓ ମୁଁ ଭାବିଲି ତମେ ଟଙ୍କା ନେଇକି ଆସିନ ।

× × × × ×

**ପୁଅ ମା କୁ :** ମା' ତମେ ଜାଣିଛ ବାପା ନା ବହୁତ ଭଦ୍ର ।
**ମା :** ତୁ କେମିତି ଜାଣିଲୁ ?
**ପୁଅ :** ବାପା ଯେବେବି କୌଣସି ଝିଅକୁ ଦେଖନ୍ତି ସାଙ୍ଗେ ସାଙ୍ଗେ ତାଙ୍କର ଗୋଟିଏ ଆଖି ବନ୍ଦ କରି ଦିଅନ୍ତି ।

## ନିମ ଫଳର ଉପକାରିତା

**ନି**ମ ଗଛ ସ୍ୱାସ୍ଥ୍ୟ ସହ ସମ୍ବନ୍ଧିତ ଅନେକ ରୋଗର ନିବାରଣ ଦିଗରେ ସହାୟକ । ଭାରତୀୟ ସଂସ୍କୃତିରେ ନିମର ବ୍ୟବହାର ବହୁ ପୁରାତନ କାଳରୁ ହୋଇଆସୁଛି । ଖରାଦିନେ ନିମ ବ୍ୟବହାରର ରହିଛି ଭିନ୍ନ ମହତ୍ତ୍ୱ । ଆୟୁର୍ବେଦରେ ମଧ ଏହାର ସ୍ଥାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରାଯାଇଛି । ନିମ ଅନେକ ରୋଗର ନିରାକରଣ ଦିଗରେ ବ୍ୟବହାର କରାଯାଏ । ଲୋକେ ଅସହ୍ୟ ଗରମରୁ ରକ୍ଷା ପାଇବାକୁ ନିମ ଗଛ ତଳେ ବସି ଶରୀରକୁ ଶୀତଳ କରିଥାନ୍ତି । ଏମିତିରେ ତ ଦେଖିବାକୁ ଗଲେ ନିମର ଅନେକ ଫାଇଦା ରହିଛି, କିନ୍ତୁ ଏହାର ଫଳ ଯେ ଆହୁରି ଲାଭଦାୟକ ଏହା କ୍ୱଚିତ ଲୋକଙ୍କୁ ଜଣାଥିବ । ନିମ ବୀଜରେ ଔଷଧୀୟ ଗୁଣ ଭରପୂର ରହିଛି । ନିମ ବୀଜ ଏବଂ ପତ୍ରରୁ ତିଆରି ଚା' ପିଇଲେ ସ୍ୱାସ୍ଥ୍ୟ ଉପରେ ବେଶ୍ ଉତ୍ତମ ପ୍ରଭାବ ପଡିଥାଏ । କିଡନୀ ଏବଂ ପ୍ରୋଷ୍ଟେଟ ସହ ଜଡିତ ବିଭିନ୍ନ ସମସ୍ୟା ନିମିଷକେ ଦୂର ହୋଇଥାଏ । ଚା' ପିଇବା କଷ୍ଟକର ହୋଇପାରେ, କିନ୍ତୁ ରୋଗ ଦୂର କରିବା ବେଶ୍ ସହଜ । ନିମ ବୀଜ କେଶ ସହ ଜଡିତ ବିଭିନ୍ନ ସମସ୍ୟାରୁ ମଧ ରକ୍ଷାକରେ । ଯଦି କେଶ



ବାରମ୍ବାର ଝଡୁଥାଏ, ତେବେ ନିମ ଫଳକୁ ବାଟି କେଶ ମୂଳରେ ଲଗାଇଲେ ତୁରନ୍ତ ସମସ୍ୟାର ସମାଧାନ ହେବ । ନିମ ଫଳରେ ଆଣ୍ଟି ପାରାସିଟିକ୍, ଆଣ୍ଟି ବ୍ୟାକ୍ଟେରିଆଲ୍, ଆଣ୍ଟି ଫଙ୍ଗଲ୍ ଭଳି ଗୁଣ ଭରି ରହିଛି । ଯାହା କେଶକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷାକରେ । ଏହାଛଡ଼ା ନିମ ଫଳରେ ପ୍ରୋଟିନ୍, ଭିଟାମିନ୍ ସି ଏବଂ କେରୋଟିନ୍ ଭଳି ତତ୍ତ୍ୱ ସାମିଲ ରହିଛି । ନିମ ଫଳରୁ ତିଆରି ତେଲରେ ଆଣ୍ଟି ଏଜିଙ୍ଗ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଥାଏ, ଯାହା ବୟସ ବୃଦ୍ଧିକୁ ଲୁଚାଇବା ସହ ତ୍ୱଚାର ଚମକ୍ ବଜାୟ ରଖେ । କେବଳ ସେତିକି ନୁହେଁ, ନିମ ଫଳକୁ ବାଟି ଘର ଚାରିଆଡ ଛିଞ୍ଚିଲେ ମଶାଙ୍କ ପ୍ରଭାବ ଦୂର ହୋଇଥାଏ ।

## କ୍ୟାନସର ଆଶଙ୍କା ବୃଦ୍ଧି କରେ ଗରମ ଚା'

**ଚା** ସୌଖିନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଖରାପ ଖବର । ଏକ ଗବେଷଣାରୁ ଜଣାପଡିଛି, ଗରମ ଚା' ପିଇବା ଦ୍ୱାରା ଗଳା କ୍ୟାନସର ଆଶଙ୍କା ଦେଖା ଦେଇଥାଏ । ଗବେଷଣା ମୁତାବକ, ଯେଉଁ ଲୋକମାନେ ଦୈନନ୍ଦିନ ୭୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାର ଚା' ପିଇଥାନ୍ତି, ସେମାନଙ୍କ ମଧରେ ଏହି କ୍ୟାନସର ଆଶଙ୍କା ଦ୍ୱିଗୁଣା ବୃଦ୍ଧି ପାଇଥାଏ । ଅନେକଙ୍କ ଅଭ୍ୟାସ ଥାଏ, କପ୍‌ରେ ଚା' ଢ଼ଳାଯିବା ମାତ୍ରକେ ପିଇବା ଆରମ୍ଭ ହୋଇଯାଏ । ଯଦି ଏ ଅଭ୍ୟାସ ଆପଣଙ୍କର ବି ରହିଛି, ତେବେ ଏବେଠାରୁ ସାବଧାନ ହୋଇଯାନ୍ତୁ । କାରଣ ଚା' କପ୍‌ରେ ଢ଼ଳାଯିବାର ୪ ମିନିଟ୍ ପରେ ପିଇବା ଦ୍ୱାରା ଏହି କ୍ୟାନସର ଆଶଙ୍କା ସୃଷ୍ଟି ହୋଇ ନ ଥାଏ । ଆମେରିକାନ୍ କ୍ୟାନସର ସୋସାଇଟିର ଲିଡ୍ ଅର୍ଥାତ୍ ଫରହଦ୍



ଇସଲାମୀଙ୍କ ମୁତାବକ, ଅନେକ ଲୋକ ଚା' କଫି କିମ୍ବା ଅନ୍ୟ କୌଣସି ଗରମ ପାନୀୟ ପଦାର୍ଥକୁ ପିଇବାର ସୌଖିନ ଥାନ୍ତି । କିନ୍ତୁ ମନେରଖିବା ଉଚିତ ପାଟିକୁ ସୁଆଦ ଏବଂ ଅଭ୍ୟାସରେ ପରିବର୍ତ୍ତନ ନ ଆଣିବା ଦ୍ୱାରା ଏହି ପେୟ ପଦାର୍ଥ ସ୍ୱାସ୍ଥ୍ୟର ଶତ୍ରୁ ପାଲଟିଥାଏ । ଗବେଷଣାରେ ପ୍ରାୟ ୫୦ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ଏମାନଙ୍କ ବୟସ ପ୍ରାୟ ୪୦ ରୁ ୭୫ ବର୍ଷ ମଧରେ ଥିଲା । ନିଷ୍କର୍ଷରୁ ଜଣାପଡିଲା, ପ୍ରତିଦିନ ୭୦୦ ଏମଏଲ୍ ଗରମ୍ ଚା' (୬୦ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠୁ ଅଧିକ) ତାପମାତ୍ରାରେ ପିଇବା ଦ୍ୱାରା ଗଳା କ୍ୟାନସର ଆଶଙ୍କା ୯୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।

## ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବ ଦହି

**ଯେ**ତେବେଳେ ଧମନୀ ଉପରେ ରକ୍ତର ପ୍ରଭାବ ସାମାନ୍ୟରୁ ଅତ୍ୟଧିକ ହୋଇଯାଏ, ସେତେବେଳେ ଉଚ୍ଚ ରକ୍ତଚାପ ସ୍ଥିତ ଉପୁଜିଥାଏ । ଏକ ଗବେଷଣାରୁ ଜଣାପଡିଛି ଦୀର୍ଘ ସମୟ ଧରି ଦହି ସେବନ କରୁଥିବା ଲୋକଙ୍କ ମଧରେ ଉଚ୍ଚ ରକ୍ତଚାପ ସମସ୍ୟାର ଆଶଙ୍କା କମ୍ ଥାଏ । ଯେଉଁମାନେ ପ୍ରତିଦିନ ନିଜ କ୍ୟାଲୋରୀର ମାତ୍ରାରେ ଅତିକମରେ ଦୁଇ ପ୍ରତିଶତ



ଦହିରୁ ହାସଲ କରିଥାନ୍ତି, ସେମାନଙ୍କ ମଧରେ ଉଚ୍ଚ ରକ୍ତଚାପ ସମସ୍ୟା ଉତ୍ପନ୍ନ ହେବା ଆଶଙ୍କା ୩୧ ପ୍ରତିଶତ ହ୍ରାସ ପାଇଥାଏ । ଯଦି ଉଚ୍ଚ ରକ୍ତଚାପ ଅଧିକ ସମୟରୁ ରହି ଆସୁଛି, ତେବେ ତୁରନ୍ତ ଡାକ୍ତରୀ ପରାମର୍ଶ ଗ୍ରହଣ କରନ୍ତୁ । ଏହା ବ୍ୟତୀତ ଦହିରେ ଅନ୍ୟ ରୋଗରୁ ଆରୋଗ୍ୟ ଲାଭ କରିବାର ଗୁଣ ମଧ ଭରପୁର ରହିଛି । ଦହି ଦୈନନ୍ଦିନ ସେବନ କରିବା ଦ୍ୱାରା ପେଟ ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ ।

## ସ୍ୱାସ୍ଥ୍ୟୋପକାରୀ ଷ୍ଟ୍ରବେରି

**ଷ୍ଟ୍ର**ବେରିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ହାର୍ଟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ଷ୍ଟ୍ରବେରି । ନିୟମିତ ଷ୍ଟ୍ରବେରି ଖାଇଲେ ତାହା ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିଥାଏ । ଷ୍ଟ୍ରବେରିରେ କ୍ୟାନସର ସହ ଲଢ଼ିବାର କ୍ଷମତା ରହିଛି ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ବେଶ୍ ସହାୟକ ହୋଇଥାଏ ଷ୍ଟ୍ରବେରି । ବ୍ଲଡପ୍ରେସର ରୋଗୀଙ୍କ ପାଇଁ



ଏହା ବେଶ୍ ଉପକାରୀ । ତେଣୁ ସେମାନେ ଏହାକୁ ସେମାନଙ୍କର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି ।

ମସ୍ତିଷ୍କକୁ ସକ୍ରିୟ କରିବାରେ ଏହାର ମଧ ଭୂମିକା ରହିଛି । କୋଲେଷ୍ଟରଲ ମଧ କେତେକାଂଶରେ ସନ୍ତୁଳିତ ରଖିଥାଏ ଷ୍ଟ୍ରବେରି । ଏହା ଦୃଷ୍ଟିଶକ୍ତିକୁ ମଧ ବଢ଼ାଇଥାଏ ।

ମେଦ କମାଇବାରେ ସହାୟକ ହୋଇଥାଏ । ଅସ୍ଥିକୁ ମଜଭୂତ କରିଥାଏ ଷ୍ଟ୍ରବେରି ।

## ଭିଟାମିନରେ ଭରପୂର ସେଓ

**ଇଂ**ରାଜୀରେ ଏକ ଢ଼ଗ ଅଛି 'ଆନ ଏପଲ ଏ ଡେ, କିପସ୍ ଦ ଡକ୍ଟର ଆୱେ', ଅର୍ଥାତ୍ 'ଗୋଟିଏ ସେଓ ଖାଅ ଓ ଡାକ୍ତରଙ୍କୁ ଦୁରରେ ରଖ ।' ପୌଷ୍ଟିକ ତତ୍ତ୍ୱରେ ଭରପୁର୍ ଏହି ସ୍ୱାଦିଷ୍ଟ ଫଳ କେବଳ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ ନାହିଁ, ଏହା ଶରୀରକୁ ସୁସ୍ଥ ରଖିବାରେ ମଧ ସହାୟକ ହୁଏ । ଏହା ହୃଦରୋଗ, କର୍କଟ, ମଧୁମେହ ପରି ସାଂଘାତିକ ରୋଗ ସହ ପାର୍କିନସନ୍ ଓ ଆଲଜାଇମରେ ପରି ମସ୍ତିଷ୍କଜନିତ ରୋଗ ତଥା ଉପସର୍ଗକୁ ମଧ ଦୁରରେ ରଖେ । ଏଥିରେ ପ୍ରଚୁର ପରିମାଣର ଫାଇବର ଥିବାରୁ ପାଚନ କ୍ରିୟା ସହଜ ଓ ସରଳ ହୁଏ । ଏହା ଏକ ଉତ୍ତମ ଆଣ୍ଟିଅକ୍ସିଡେଣ୍ଟ । ଏହା ନିୟମିତ ଖାଇଲେ ଶରୀରରେ ଥିବା ଗ୍ଲୁକୋଜର ମାତ୍ରା ସନ୍ତୁଳିତ ହୁଏ ।



ଗୁଣ ଓ ଫାଇଦା: ରକ୍ତହୀନତା ଦୂର କରେ । ଏଥିରେ ଥିବା କ୍ୱାରସିଟିନ୍ କୋଷକୁ କବଚ ପରି ରକ୍ଷାକରେ । ନିୟମିତ ଖାଇଲେ କର୍କଟ ରୋଗର ଆଶଙ୍କା ହ୍ରାସ ପାଏ । କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ । ଶରୀରର ଓଜନ ହ୍ରାସ କରେ । ଯକୃତ ସୁସ୍ଥ ରଖେ । କୋଷ୍ଠକାଠିନ୍ୟ ଦୂରକରେ । ଦାନ୍ତକୁ ସୁସ୍ଥ ରଖେ । ବୋବେଲ ସିଣ୍ଡ୍ରୋମଜନିତ ଝାଡା, କୋଷ୍ଠକାଠିନ୍ୟ ଏବଂ ଦାନ୍ତ ବ୍ୟଥାକୁ ଦୂର କରେ ।

ମୁହଁରେ ବାର୍ଦ୍ଧକ୍ୟ ଜନିତ ଭାଙ୍ଗ ଓ ଦାଗ ହଟାଇବାରେ ସହାୟକ ହୁଏ ।

## ଆପଣ ଜାଣନ୍ତି କି ?

- ପରସ୍ପର ସହ ସଂଯୋଗ କରୁଥିବା ବିଶ୍ୱର ସର୍ବ ବୃହତ ଇଣ୍ଟର ଲକିଂ ରେଳଷ୍ଟେସନ୍ ହେଉଛି ଦିଲ୍ଲୀ ଷ୍ଟେସନ ।
- ସବୁଠୁ ବଡ଼ ନାଁ ଥିବା ଭାରତୀୟ ରେଳ ଷ୍ଟେସନର ନାଁ ହେଉଛି 'ଭେଙ୍କଟନରସିଂହରାଜୁୱାରିପେଟା' ।
- ସବୁଠୁ ସାନ ନାଁ ଥିବା ଷ୍ଟେସନର ନାଁ ଇବ୍ ।
- ସର୍ବନିମ୍ନ ଦୂରତ୍ୱ ମଧରେ ଅବସ୍ଥିତ ଦୁଇଟି ଷ୍ଟେସନ ହେଲେ ନାଗପୁର ଏବଂ ଅଜନି । ଏହି ଦୁଇଟି ଷ୍ଟେସନ ମଧରେ ଦୂରତ୍ୱ ମାତ୍ର ତିନି କିଲୋମିଟର ।
- ନବପୁରରେ ଅବସ୍ଥିତ ରେଳ ଷ୍ଟେସନ ଦୁଇଟି ରାଜ୍ୟର ସୀମା ମଧରେ ଅବସ୍ଥିତ । ଏହି ଷ୍ଟେସନର ଅର୍ଦ୍ଧେକ ମହାରାଷ୍ଟ୍ରରେ ଥିବା ବେଳେ ବାକି ଅଧା ଗୁଜରାଟରେ ଅବସ୍ଥିତ ।
- ସବୁଠୁ ଅଧିକ ବ୍ୟସ୍ତ ରେଳ ଷ୍ଟେସନ ହେଉଛି ଲକ୍ଷ୍ନୌ । ଏହି ଷ୍ଟେସନରୁ ଦୈନିକ ୬୪ ଟି ରେଳ ଯାତ୍ରା କରିଥାଏ ।
- ବିଶ୍ୱର ସବୁଠୁ ଦୀର୍ଘ ରେଳ ପ୍ଲାଟଫର୍ମ ପଶ୍ଚିମବଙ୍ଗର ଖଡ଼ଗପୁର ।
- ନାମକରା ମୋବାଇଲ କମ୍ପାନୀ ଭାବେ ଜଣା ନୋକିଆର ଗୋଟିଏ ମଡ଼େଲ ନୋକିଆ ୧୧୦୦ ବିଶ୍ୱସ୍ତରରେ ସବୁଠୁ ଅଧିକ ବିକ୍ରି ହୋଇଥିଲା । ୨୫ କୋଟି ୟୁନିଟ୍ ଏହି ମଡେଲ ବିକ୍ରି ହୋଇଥିବାର କମ୍ପାନୀ ତରଫରୁ ଜଣାପଡିଛି ।
- ଆମେରିକାରେ ସର୍ବ ପ୍ରଥମେ ବିକ୍ରି ହୋଇଥିବା ମୋବାଇଲ ଫୋନର ମୂଲ୍ୟ ୨ ଲକ୍ଷ ୬୮ ହଜାର ଟଙ୍କା ଥିଲା ।

## କହିପାରିବେ କି ?

(୧) କାହାନାମରେ ଜାନୁଆରୀ ମାସର ନାମକରଣ କରାଯାଇଛି ?
(୨) କେଉଁ ଲାଟିନ୍ ଶବ୍ଦ ସହ ଫେବୃୟାରୀ ମାସର ନାମକରଣ ହୋଇଛି ?
(୩) କାହା ନାମରୁ ମାର୍ଚ୍ଚ ମାସର ନାମକରଣ ହୋଇଛି ?
(୪) କେଉଁ ଶବ୍ଦରୁ ଏପ୍ରିଲ ମାସର ନାମକରଣ କରାଯାଇଛି ?
(୫) କେଉଁ ନାମ ସହିତ ମଇ ମାସର ନାମ ଜଡିତ ?
(୬) ଜୁନ୍ ମାସର ନାମକରଣ କେଉଁ ଦେବୀଙ୍କ ନାମାନୁସାରେ କରାଯାଇଛି ?
(୭) କାହାର ସମ୍ମାନରେ ଜୁଲାଇ ମାସର ନାମକରଣ କରାହୋଇଛି ?
(୮) ଅଗଷ୍ଟ ମାସର ନାମ କାହାର ନାମାନୁସାରେ ହୋଇଛି ?
(୯) ସେପ୍ଟେମ୍ବର ମାସ କେଉଁ ଲାଟିନ୍ ଶବ୍ଦରୁ ସୃଷ୍ଟି ?
(୧୦) ଅକ୍ଟୋବର ମାସ କେଉଁ ଲାଟିନ୍ ଶବ୍ଦରୁ ପ୍ରେରିତ ହୋଇ ରଖା ହୋଇଛି ?

### JUMBLE WORDS

| | | | |
|---|---|---|---|
| 1) NRHOD | = | 6) GALEE | = |
| 2) PADLI | = | 7) VORENG | = |
| 3) RXILEI | = | 8) ETIMVO | = |
| 4) FOTRIP | = | 9) FSOLS | = |
| 5) IVADO | = | 10) ZRAYC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଜାନେ ୱାଇଲଡ୍, ୨.ଆମିଓଟ୍ରୋଫିକ୍ ଲ୍ୟାଟେରାଲ, ୩.ପରିବାର ଲୋକ, ୪.ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍, ୫.ବ୍ଲାକ୍ ହୋଲସ୍ ଆଣ୍ଡ୍ ୟୁନିଭର୍ସ, ୬.୨ ରୁ ୪ ମାସ, ୭.ସାପ, ୮.ଓଟ, ୯.ଭାଲୁ, ୧୦.କୁମ୍ଭୀର ।

***Jumble Words*** ର ଉତ୍ତର :-

(1) HIDDEN (2) ABSURD (3) STUNT(4) STYLE (5) AGENCY (6) EXCEED (7) SOUPY (8) SUSHI (9) EASILY (10) IMPACT.

# ସମ୍ବଲପୁରକୁ ଏତେ ହତାଦର କାହିଁକି ?

ସମ୍ବଲପୁର : ନିର୍ବାଚନ ପାଖେଇ ଆସୁଛି । ରାଜ୍ୟ ସରକାର ବି ଏଥି ନିମନ୍ତେ ଏକ ପ୍ରକାର ଅଣ୍ଟା ଭିଡିଲେଣି । ଶାସକ ଦଳ ବିଜେଡି ପୁଣି କ୍ଷମତା ଅକ୍ତିଆର କରିବା ଲକ୍ଷ୍ୟ ରଖି କାମ ଆରମ୍ଭ କରି ଦେଇଛନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲା ଗସ୍ତକରି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି । ଗତ କିଛି ଦିନର ବ୍ୟବଧାନରେ ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲା ଗସ୍ତକରି ସାରିଲେଣି । ଗୋଟିଏ ଦିନରେ ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ଗସ୍ତକରିଥିବା ବେଳେ ପୁଣି ସୁନ୍ଦରଗଡ଼ ଜିଲ୍ଲା ଯାଇ ଶହ ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି । ତେବେ, ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ସମ୍ବଲପୁର ଜିଲ୍ଲାପ୍ରତି କିନ୍ତୁ ରାଜ୍ୟ ସରକାରଙ୍କ କୃପାଦୃଷ୍ଟି ପଡୁ ନାହିଁ । ଗତ ନିର୍ବାଚନରେ ସମ୍ବଲପୁରରେ ବିଜେପିର ସଫଳତା ଯୋଗୁଁ ରାଜ୍ୟ ସରକାର ଏହି ଅଂଚଳ ପ୍ରତି ବିମୁଖ ହୋଇ ଉଠିଥିବା ଅଭିଯୋଗ ହେଉଛି । ରାଜ୍ୟର ପ୍ରମୁଖ ଶକ୍ତିପୀଠ ସମଲେଶ୍ୱରୀ ମନ୍ଦିର ବିକାଶ ପ୍ରକଳ୍ପ (ସମଲେଇ ଯୋଜନା)କୁ ଛାଡ଼ିଦେଲେ ନୂଆ କିଛି ପ୍ରକଳ୍ପ ହାତକୁ ନିଆଯାଇ ନାହିଁ । ଗତ ୨୦୧୪ ମସିହା ସାଧାରଣ ନିର୍ବାଚନର ପୂର୍ବରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଆନ୍ଦୋଳନ ଶୀର୍ଷରେ ରହିଥିଲା । ଏହି ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ସେହି ସମୟରେ ସମ୍ବଲପୁର ପୌର ପରିଷଦକୁ ମହାନଗର ନିଗମ ସହିତ ଏଠାରେ କମିସନରେଟ୍ ପୁଲିସ ବ୍ୟବସ୍ଥା ପାଇଁ ଘୋଷଣା କରିଥିଲେ । ଦୀର୍ଘ ୮ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ସମ୍ବଲପୁର ବାସୀ ନା' ପାଉଛନ୍ତି ମହାନଗର ନିଗମ ଭଳି ଉତ୍ତମ ସୁବିଧା ନା' ଲାଗୁ ହେଲା ପୁଲିସ କମିସନରେଟ୍ ବ୍ୟବସ୍ଥା । ସାରା ଓଡ଼ିଶାରେ ପୌରାଂଚଳରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବା ଆଳ ଦେଖାଇ ସମ୍ବଲପୁର ମହାନଗର ନିଗମ ନିର୍ବାଚନ କରାଇବା ଦିଗରେ ଆଦୌ ପଦକ୍ଷେପ ନେଉ ନାହାନ୍ତି । ୱାର୍ଡ ସଂରକ୍ଷଣ ପ୍ରସଂଗକୁ ନେଇ ବହୁ ବର୍ଷ ହେଲା ହାଇକୋର୍ଟରେ ଏହି ବିଚାରାଧୀନ ମାମଲା ଶେଷ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି । ଏପଟେ ପୁଣି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଚଳାଇଛନ୍ତି । ଏପଟେ ସମ୍ବଲପୁର ପାଇଁ ୨୦୧୪ ରୁ ୨୦୧୯ ମସିହା ମଧ୍ୟରେ ଅନେକ ଯୋଜନା ଓ ପ୍ରକଳ୍ପ ଘୋଷଣା କରିଥିଲେ କିନ୍ତୁ, ପ୍ରକଳ୍ପ ଅଧାରେ ବନ୍ଦ ପଡ଼ିଛି । ସମ୍ବଲପୁରର ବିକାଶ ପ୍ରତି ରାଜ୍ୟ ସରକାରଙ୍କର କୌଣସି ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହେଲାଣି ।

ମହାନଦୀର ଦ୍ୱିତୀୟ ସେତୁ (ଚାଉଁରପୁର ବ୍ରିଜ୍)ରୁ ନଦୀ କୂଳେ କୂଳେ ମୁଣ୍ଡୋଘାଟ ପର୍ଯ୍ୟନ୍ତ ରିଂରୋଡ଼୍ ନିର୍ମାଣ ଏବଂ ମୁଣ୍ଡୋଘାଟରୁ ପାୱାର ଚାନେଲ ଦେଇ ଅଶୋକ ନିବାସକୁ ରାସ୍ତା ନିର୍ମାଣ ପ୍ରକଳ୍ପ ବି ଅଟକି ରହିଛି । ଏହି ରିଂରୋଡ଼୍ ନିର୍ମାଣ ହେଲେ ମହାନଦୀର ଅପରପାର୍ଶ୍ୱକୁ ସହର ସଂପ୍ରସାରିତ ହେବା ସହିତ ଶିକ୍ଷାନଗରୀ ବୁର୍ଲା ଓ ବରଗଡ଼ ଅଭିମୁଖେ ଯିବା ପାଇଁ ବିକଳ୍ପ ରାସ୍ତା ବି ମିଳିଯିବ । ରିଂରୋଡ଼୍ ନିର୍ମାଣ ନିମନ୍ତେ ଲୋକଙ୍କଠାରୁ ସିଧାସଳଖ ଜମି କ୍ରୟ ସମସ୍ୟା ଯୋଗୁଁ ଏହି ପ୍ରକଳ୍ପ ଆଗେଇ ପାରିଲା ନାହିଁ । ସରକାର ନିଜେ ଜମି ଅଧିଗ୍ରହଣ କରି ଏହି ପ୍ରକଳ୍ପ ଆଗେଇ ନେବା ପାଇଁ ପଠା ଯାଇଥିବା ପ୍ରସ୍ତାବ ପୂର୍ତ୍ତ ବିଭାଗର ଶୀତଳଭଣ୍ଡାର ମଧ୍ୟରେ ରହିଛି । ମୁଣ୍ଡୋଘାଟ ନିକଟରେ ପାୱାର ଚାନେଲ ଉପରେ ଗୋଶାଳା/ବରଗଡ଼ ପଟକୁ ଯିବା ପାଇଁ ଥିବା ସଂକୀର୍ଣ୍ଣ ବ୍ରିଜ୍ ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଭିଡ଼ ନିୟନ୍ତ୍ରଣ ନିମନ୍ତେ ଏହି ବ୍ରିଜ୍ ପାଖରେ ପ୍ରସ୍ତାବିତ ୩ ଲେନ୍ ବିଶିଷ୍ଟ ସେତୁ ବି ନିର୍ମାଣ ହୋଇପାରି ନାହିଁ । ମହାନଦୀ ଉପରେ ବ୍ୟାରେଜ ନିର୍ମାଣ ଆଦି ପ୍ରକଳ୍ପ ମଧ୍ୟ ଆଗେଇ ପାରି ନାହିଁ । ପର୍ଯ୍ୟଟନର ବିକାଶ ସମ୍ଭାବନା ଥିବା ବୁର୍ଲାରୁ ହୀରାକୁଦ ସହରକୁ ସଂଯୋଗ ନିମନ୍ତେ ମହାନଦୀ ଉପରେ ପ୍ରସ୍ତାବିତ ସେତୁ ନିର୍ମାଣ ପ୍ରକଳ୍ପ ବି ଅଟକି ରହିଛି ।

ସମ୍ବଲପୁର ଜେଲ୍ ଛକରୁ ହୀରାକୁଦ କଲୋନି ଦେଇ ମ୍ୟୁନିସିପାଲଟି ଛକ ରାସ୍ତାର ଦୋହରୀକରଣ କରାଯିବାର ଆବଶ୍ୟକତା ରହିଛି । ବିପଦସଂକୁଳ ଅବସ୍ଥାରେ ଥିବା ବ୍ରିଜ୍ ନିର୍ମାଣ ପାଇଁ ଏକଦା ଅର୍ଥ ମଂଜୁର ହୋଇଥିଲେହେଁ ତାହା ନିର୍ମାଣ ହୋଇପାରି ନାହିଁ । ବର୍ଷା ଦିନେ ଏହି ରାସ୍ତାରେ ଯାତାୟାତ ମାସ ମାସ ଧରି ବନ୍ଦ ରହୁଛି । ଶିକ୍ଷାନଗରୀ ବୁର୍ଲା ଡାକ୍ତରଖାନା ପଟୁ ସହରକୁ ଯିବା ପାଇଁ ପାୱାର ଚାନେଲ ନିକଟରେ ଥିବା ଏକମାତ୍ର ସେତୁରେ ସବୁବେଳେ ଭିଡ଼ ରହୁଛି । ତେଣୁ, ଏହାର ତଳ ମୁଣ୍ଡ (ଏହି ବ୍ରିଜଠାରୁ ଅଳ୍ପ ଦୂରରେ)ରେ ପାୱାର ଚାନେଲ ଉପରେ ଆଉ ଏକ ସେତୁ ନିର୍ମାଣ କରାଗଲେ ବୁର୍ଲା ସହରବାସୀଙ୍କ ଏଠାକୁ ଶିକ୍ଷା, ସ୍ୱାସ୍ଥ୍ୟ ସଂପର୍କିତ କାମ ପାଇଁ ପ୍ରତିଦିନ ଆସୁଥିବା ହଜାର ହଜାର ଲୋକ ଉପକୃତ ହୋଇପାରିବେ । ପୁଣି, ପୁରୀ, କଟକ ଆଦି ସହର ଭଳି ସମ୍ବଲପୁରରେ ମଧ୍ୟ ୨୪ ଘଣ୍ଟିଆ ବିଶୁଦ୍ଧ ଜଳଯୋଗାଣ ବ୍ୟବସ୍ଥା, ବୁଢ଼ାରଜା ଓ ଲକ୍ଷ୍ମୀଫୁଂଗୁରୀକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା, ଶୋଚନୀୟ ଅବସ୍ଥାରେ ଥିବା ମହାନଗର ଅଂଚଳରେ ରାସ୍ତାଗୁଡ଼ିକର ନବୀକରଣ, ଷ୍ଟ୍ରିଟ୍‌ଲାଇଟ୍ ଏବଂ ଇଲେକ୍ଟ୍ରୋନିକ୍ସ ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉ ନାହିଁ । ଅପରପକ୍ଷରେ ସମ୍ବଲପୁର ଜିଲ୍ଲାର ଆଦିବାସୀ ଅଧୁଷିତ ଉପଖଣ୍ଡ କୁଚିଣ୍ଡା ଏବଂ ରେଢ଼ାଖୋଲ ଉପଖଣ୍ଡ ମଧ୍ୟ ସମସ୍ୟା ଘେରରେ ରହିଛି ।

## ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମରୁଡି

ବିଜେପୁର : ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିର୍ଘଦିନ ହେଲା ଅଚଳାବସ୍ଥା ଲାଗିରହିଛି । ଏହି ସି.ଏଚ.ସିରେ ଡାକ୍ତର ପଦବୀ ଖାଲି ଥିବାରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଏଠାକାର ଦାୟିତ୍ୱରେ ଥିବା ଲାଉମୁଣ୍ଡା ପିଏଚସି ଡାକ୍ତର ସୁଶାନ୍ତ ମେହେର ଏଠାକାର କାର୍ଯ୍ୟଭାର ସମ୍ଭାଳିବା ସହ ଲାଉମୁଣ୍ଡା ଡାକ୍ତରଖାନାର ଅତିରିକ୍ତ ଦାୟିତ୍ୱରେ ଥିବାରୁ ରୋଗୀମାନେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ଏପରିକି ଖରମୁଣ୍ଡା, ସାଇପାଲି ଏବଂ ତାଲପଦର ପିଏଚସି ମାନଙ୍କରେ ବିନା ଡ଼ାକ୍ତରରେ ଡାକ୍ତରଖାନା ଖୋଲା ଯାଇଛି । ରୋଗୀ ଡାକ୍ତର ନଥିବା କାରଣରୁ ଅନେକ ଅସୁବିଧା ପାଉଛନ୍ତି । ଏ ଅଞ୍ଚଳରେ ନିର୍ବାଚନ ସମୟରେ କିଛିଦିନ ପାଇଁ କେତେକ ଉଧାରୀ ଡାକ୍ତର ଅଣାଯାଇ ଲୋକଙ୍କୁ ସରକାର ଭୁଆଁ ବୁଲାଇ ନିର୍ବାଚନ ବୈତରଣୀ ପାର ପରେ ପୁଣି ଅଚଳାବସ୍ଥା ଲାଗି ରହିଛି ।

## ସ୍ୱର୍ଗୀୟା ଅନସୂୟା ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ସମ୍ବଲପୁର : ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ତଥା ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଓ ଓଡ଼ିଆ ବିଭାଗମୁଖ୍ୟା ସ୍ୱର୍ଗୀୟା ଅନସୂୟା ମହାପାତ୍ରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ତଥା ବିଭାଗମୁଖ୍ୟ ଡକ୍ଟର ଶ୍ୟାମ ଭୋଇଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସିକତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ବିଭାଗର ଅଧାପିକା ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତ, ଅଧାପିକା ମେଞ୍ଜା ପୂର୍ତ୍ତି, ଅଫିସ୍ କର୍ମଚାରୀ ବୀରେନ୍ଦ୍ର କୁମାର ଦୀକ୍ଷିତ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗୀୟା ଅନସୂୟା ମହାପାତ୍ରଙ୍କ ସ୍ୱାମୀ ବିଶିଷ୍ଟ ଶିକ୍ଷାବିତ ତଥା ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ଓଡ଼ିଆ ବିଭାଗରେ ପୁସ୍ତକ ରଖିବା ପାଇଁ ୨ ୨ହଜାର ଟଙ୍କାରେ ଦୁଇଗୋଟି ଆଲମିରା କିଣି ପତ୍ନୀଙ୍କ ସ୍ମୃତିରେ ଓଡ଼ିଆ ବିଭାଗକୁ ପ୍ରଦାନ କରିଥିଲେ । ଡକ୍ଟର ମହାପାତ୍ର ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅନୁସୁୟାଙ୍କ ସ୍ମୃତିରେ ଓଡ଼ିଆ ବିଭାଗରେ ପ୍ରତି ବର୍ଷ ଶ୍ରେଷ୍ଠ ସ୍ନାତକକୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିବା ପାଇଁ ୫୦,୦୦୦ ହଜାର ଟଙ୍କା ପ୍ରଦାନ ପୂର୍ବକ ବ୍ୟବସ୍ଥା କରିଛନ୍ତି । ଶ୍ରଦ୍ଧାଞ୍ଜଳି ସଭା ଶେଷରେ ଅଧାପିକା ମେଞ୍ଜା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉନ୍ନୟନ କାର୍ଯ୍ୟ ଶୀଘ୍ର ସାରିବାକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା : ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ ଝାରସୁଗୁଡ଼ା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହ ଏହି ସବୁ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡକ୍ଟର ଦଳାଇ ଦୁର୍ଲଗା ସ୍ଥିତ ମିଶନଶକ୍ତି ଗୃହ ଓ ଅଙ୍ଗନବାଡ଼ି କେନ୍ଦ୍ରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ଟାଙ୍ଗରପାଲି ଠାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ, ତାଳମାଲ ଉପର କଟା ନବୀକରଣ, ଚାରିଥାକିଆ ରାସ୍ତା ନିର୍ମାଣ ଓ ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିକଳ୍ପ ରାସ୍ତା ଆଦି ବୁଲି ଦେଖୁଥିଲେ । ସେହିପରି ବିଟିଏମ୍ ଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ୪୪ଟି ଭେଣ୍ଡିଂ ଜୋନ ଓ ବମ୍ବେ ଛକଠାରେ ସ୍ମାର୍ଟ ପାର୍କ କାର୍ଯ୍ୟ ବୁଲି ଦେଖିଥିଲେ । ପରେ ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗ - ଦେଇ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ଯଥା ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ସରୋଜ ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧାକାରୀ ତପିରାମ ମାଝୀ, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ପୌରପାଳିକା ନିର୍ବାହୀ ଅଧିକାରୀ ଏମ୍ ଇ ମନୋଜ ପାତ୍ର ଓ ଡିଏମ୍‌ଏଫ୍‌ର ରୁଦ୍ରାକ୍ଷ ଶେଖର ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାରି ବର୍ଷ ହେବ ଖାଲି ପଡିଛି ଏସ୍‌ଡିଏ ଅଧ୍ୟକ୍ଷ ପଦ

ସମ୍ବଲପୁର : ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ(ଏସ୍‌ଡିଏ) ଏବେ ମୁଖିଆ ବିହୀନ ହୋଇଥିବା ବିକାଶ ଏବେ ବାଟବଣା ହୋଇଯାଇଛି । ଏସ୍‌ଡିଏ ଅଧକ୍ଷ ପଦ ୨୦୧୯ ମସିହାରୁ ଖାଲି ପଡ଼ିଥିବା ବେଳେ ସ୍ଥାୟୀ ସଚିବ ବି ନାହାନ୍ତି । ବହୁ କର୍ମଚାରୀ ପଦ ଖାଲି ପଡ଼ିଥିବାରୁ କୌଣସି ଉନ୍ନୟନ କାମ ଆଗେଇ ପାରୁ ନାହିଁ । ରାଜ୍ୟରେ ବିଜେପି-ବିଜେଡି ମେଣ୍ଟ ସରକାର ଥିବା ବେଳେ ଏସ୍‌ଡିଏ ଅଧକ୍ଷ ପଦ ବିଜେପିକୁ ମିଳିଥିଲା । ଜୟବ୍ରତ ଦେ ଏସ୍‌ଡିଏ ଅଧକ୍ଷ ହୋଇଥିଲେ । ମେଣ୍ଟ ସରକାର ଭାଂଗିଯିବା ପରେ ଜୟବ୍ରତ ଏସ୍‌ଡିଏ ଅଧକ୍ଷ ପଦ ଛାଡ଼ିଥିଲେ । ଅନେକ ମାସ ପର୍ଯ୍ୟନ୍ତ ଏହି ପଦ ଖାଲି ପଡ଼ିବା ପରେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ବିଜୟ ମହାନ୍ତିଙ୍କୁ ଏହି ଏସ୍‌ଡିଏ ଅଧକ୍ଷ ନିଯୁକ୍ତ କରାଯାଇଥିଲା । ଗତ ୨୦୧୪ ବିଧାନସଭା ନିର୍ବାଚନ ପରେ ଶ୍ରୀ ମହାନ୍ତି କିନ୍ତୁ ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେଇଥିଲେ । ଇସ୍ତଫା ପ୍ରଦାନର ଦିନ କେଇଟା ପରେ ପୁଣି ତାଙ୍କୁ ଏସ୍‌ଡିଏ ଅଧକ୍ଷ କରାଯାଇଥିଲା । ୨୦୧୯ ବିଧାନସଭା ନିର୍ବାଚନ ପରେ ରାଜ୍ୟ ଅନ୍ୟ ସଂସ୍ଥାଗୁଡ଼ିକର ଅଧକ୍ଷ ଭଳି ଶ୍ରୀ ମହାନ୍ତି ମଧ୍ୟ ପୁଣି ନିଜ ପଦରୁ ଇସ୍ତଫା ଦେଇଥିଲେ । ଗତ ଅକ୍ଟୋବର ୨୦୧୯ରୁ ଏସ୍‌ଡିଏ ଅଧକ୍ଷ ପଦ ଖାଲି ପଡ଼ିଛି । ନିର୍ବାଚନ ପରେ ରାଜ୍ୟ ସରକାର ବିଭିନ୍ନ ନିଗମ ତଥା ଅନ୍ୟାନ୍ୟ ସରକାରୀ ସଂସ୍ଥାରେ ରାଜନେତାମାନଙ୍କୁ ଥଇଥାନ କରିଥିଲେ । କିନ୍ତୁ, ଏସ୍‌ଡିଏ ଅଧକ୍ଷ ପଦ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀମଣ୍ଡଳର ନବ କଳେବର ସମୟରେ ମନ୍ତ୍ରୀମାନଙ୍କ ସହିତ ସବୁ ଅଧକ୍ଷ ଓ ପରାମର୍ଶଦାତାଙ୍କ ଠାରୁ ମଧ୍ୟ ଇସ୍ତଫା ମାଗିଥିଲେ । କିଛି ମାସ ପରେ ପୁଣି ଏସବୁ ନିଗମର ଅଧକ୍ଷ ଓ ବିଭାଗର ପରାମର୍ଶଦାତା ଭାବେ ବହୁ ନେତାଙ୍କୁ ଥଇଥାନ କରାଯାଇଛି । ପଦ୍ମପୁର ଉପନିର୍ବାଚନ ପରେ ପୁଣି ରାଜ୍ୟର ଆଉ କେତେକ ବିଭାଗରେ ନୂଆ ପଦ ସୃଷ୍ଟି ସହିତ ଅନେକ ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ କରାଯାଇଛି । ଏହି କ୍ରମରେ ଏସ୍‌ଡିଏ ଅଧକ୍ଷ ଦୌଡ଼ରେ ଥିବା ସମ୍ବଲପୁରର ଦୁଇ ଯୁବନେତା ସଂଜୟ ବାବୁ ଓ ସଂଜିତ ମହାନ୍ତିଙ୍କୁ ମଧ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପରାମର୍ଶଦାତା ପଦ ମିଳିଛି । ନିର୍ବାଚନ ପୂର୍ବରୁ ଏବଂ ନିର୍ବାଚନ ସମୟରେ ବିଜେଡିରେ ସାମିଲ ହୋଇଥିବା କେତେକ ନେତାଙ୍କ ସହିତ ବହୁ ପୁରୁଖା ବିଜେଡି ନେତା ଏବଂ ଅବସରପ୍ରାପ୍ତ ଅଧିକାରୀ ଏହି ପଦ ପାଇଁ ଆଶାୟୀ ରହିଛନ୍ତି । ଜିଲ୍ଲାପାଳ ଏସ୍‌ଡିଏ ଉପାଧକ୍ଷ ହୋଇଥିବା ବେଳେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ସଚିବ ଭାବେ ନିଯୁକ୍ତି ଦିଆଯାଇଥାଏ । ଏସ୍‌ଡିଏ ସଚିବ ଥିବା ପ୍ରଭାସ ଡନସନାଙ୍କୁ ଗତ ବର୍ଷ ସଦର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ଏହା ପରେ ଶ୍ରୀ ଡନସନା ଏବେ ଏସ୍‌ଡିଏ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ସଦର ଉପଜିଲ୍ଲାପାଳ ଭଳି ଗୁରୁଦାୟିତ୍ୱ ଥିବାରୁ ସେ ପୂରା ସମୟ ଦେଇପାରୁନଥିବା କହାଯାଉଛି । ଏଭଳି ସ୍ଥିତିରେ ମହାନଗର ନିଗମ ଅଂଚଳ ସହିତ ୬୭ଟି ଗାଁ ନିର୍ଭର କରୁଥିବା ଏସ୍‌ଡିଏର ବିଭିନ୍ନ ପ୍ରକଳ୍ପ କାମ ଆଗେଇ ପାରୁ ନାହିଁ କିମ୍ବା ହାଉସିଂ ସ୍କିମ୍ ବହୁ ବର୍ଷ ପରେ ବି ସଂପୂର୍ଣ୍ଣ ହୋଇପାରୁ ନାହିଁ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ରଚୟିତାଙ୍କ ଜନ୍ମଦିନରେ ପାଳନ ହେଲା 'ରଙ୍ଗବତୀ ଦିନ୍'








ସମ୍ବଲପୁର: ପ୍ରସିଦ୍ଧ ସମ୍ବଲପୁରୀ ଗୀତ 'ରଂଗବତୀ'ର ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ୮୧ତମ ଜନ୍ମଦିନକୁ ତାଙ୍କ ଗାଁ ବିଲୁଙ୍ଗର ରଙ୍ଗବତୀ କ୍ରୀଡ଼ା ସଂସ୍କୃତି ଏକାଡେମୀ ପକ୍ଷରୁ 'ରଂଗବତୀ ଦିନ' ଭାବେ ନିଆରା ଢ଼ଙ୍ଗରେ ପାଳନ କରାଯାଇଛି । ସାଧାରଣତଃ ଜନ୍ମ ଦିନରେ କେକ୍ କଟା ଯାଉଥିବା ବେଳେ ଶ୍ରୀ ଗୌନ୍ତିଆ ତାଙ୍କର ବହୁ ସଂଖ୍ୟକ ଶୁଭେଚ୍ଛୁ, ପ୍ରଶଂସକ, ଜ୍ଞାତି କୁଟୁମ୍ବ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଗହଣରେ ନୂତନ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ତରଭୁଜ କାଟି ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ତାଙ୍କ ଜନ୍ମଦିନ ପାଳନ କରିଛନ୍ତି । ଏହାଛଡ଼ା ଶ୍ରୀ ଗୌନ୍ତିଆଙ୍କ ସମେତ ଅତିଥି ମାନେ ସାମୂହିକ ଭାବେ ବାଦ୍ୟର ତାଳେ ତାଳେ ରଙ୍ଗବତୀ ଗୀତ ସହ ନାଚିଥିଲେ । ଏହି ଅବସରରେ ତାଙ୍କ ରଚିତ ଗ୍ରନ୍ଥାବଳୀର ପ୍ରଥମ ଭାଗ 'ଗୀତି କବିତା' ଉନ୍ମୋଚିତ ହୋଇଥିଲା ।


ମିତ୍ରଭାନୁ ଗ୍ରନ୍ଥାବଳୀର ପ୍ରଥମ ଭାଗ ଉନ୍ମୋଚିତ

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମିତ୍ରଭାନୁ ଗୌନ୍ତିଆ କେବଳ ଜଣେ ଗୀତିକାର ନୁହନ୍ତି, ସେ ଜଣେ ସ୍ରଷ୍ଟା । ତାଙ୍କ ରଚିତ ରଙ୍ଗବତୀ ଗୀତ ପାଇଁ ସାରା ବିଶ୍ୱରେ ଆମକୁ ପରିଚିତି ମିଳିଛି । ଗ୍ରନ୍ଥାବଳୀର ପ୍ରକାଶନର ଖର୍ଚ୍ଚ ସେ ନିଜେ ବହନ କରିବେ ବୋଲି ଘୋଷଣା କରିଥିଲେ । ରଂଗବତୀର ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ହାସ୍ୟ ଅଭିନେତା ଜଗବନ୍ଧୁ ମଲ୍ଲିକ (ବିନ୍ଦୁ) ଏବଂ ଶ୍ରୀ ଗୌନ୍ତିଆଙ୍କ ପତ୍ନୀ କ୍ଷୀରୋଦିନୀ ଗୌନ୍ତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରଙ୍ଗବତୀ କ୍ରୀଡ଼ା ସଂସ୍କୃତି ଏକାଡେମୀର ସଭାପତି ନିହାଲ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକାଡେମୀର ଉପଦେଷ୍ଟା ମଳୟ ବେହେରା ସଭା ପରିଚାଳନା କରିଥିବା ବେଳେ ବବୁନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅରୁଣ ପଟେଲ, ମାମିନା ଖାତୁନ, ଆଶିଷ ମହାନନ୍ଦ, ହେମଲତା ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଶ୍ରୀ ଗୌନ୍ତିଆଙ୍କ ପ୍ରାୟ ୫୦ ବର୍ଷ ତଳେ ରଚିତ ଗୀତ ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ଏବଂ ସନ୍ତୋଷ ମିଶ୍ର 'ଜିଲା ଜିଲା ତେର ଜିଲା..' ଓ 'ସୁରୁସୁରୁ ପନିଆ ମୋର.' ଆଦି ଗୀତ ଗାଇଥିଲେ ।

## ଆସନ୍ତା ଡିସେମ୍ବରରେ ସମ୍ବଲପୁରରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ସମ୍ବଲପୁର : ଆସନ୍ତା ଡିସେମ୍ବର ମାସ ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏଠାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ହରିଦ୍ୱାର ସ୍ଥିତ ଗାୟତ୍ରୀ ଶକ୍ତିପୀଠର ପ୍ରମୁଖ ଅଧିକାରୀ ଡକ୍ଟର ଚିନ୍ମୟ ପାଣ୍ଡ୍ୟା ମଧ ଯୋଗ ଦେବାର କାର୍ଯ୍ୟକ୍ରମ ମଧ ରହିଛି । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଇତି ମଧରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ଶକ୍ତିପୀଠର କର୍ମକର୍ତ୍ତାମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗାୟତ୍ରୀ ଯଜ୍ଞର ସଭାପତି ରୂପେ ଆଡଭୋକେଟ୍ ଦୀନଦୟାଲ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଥିବା ବେଳେ ବାନାମ୍ବର ସର ଓ ଭାରତୀ ଶତପଥିଙ୍କୁ ଉପସଭାପତି, ଉପେନ୍ଦ୍ର କୁମାର ପାଢ଼ୀ ସମ୍ପାଦକ, ମୃତ୍ୟୁଞ୍ଜୟ ବଡ଼ପଣ୍ଡା, ଦିଲ୍ଲିପ ସାନବଡ଼ ଓ ଦୀପ୍ତିମୟି ବାରିକଙ୍କୁ ଯୁଗ୍ମ ସଚିବ, ତୁଷାର ରଞ୍ଜନ ପଟ୍ଟନାୟକ ଓ କାର୍ତ୍ତିକେଶ୍ୱର ବଡ଼ପଣ୍ଡାଙ୍କୁ କୋଷାଧକ୍ଷ, ସତ୍ୟନାରାୟଣ ପଟେଲଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା । ଏହାଛଡ଼ା ରାଜେନ ପଟେଲ, ସୁଧାମୟୀ ଗୁରୁଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ରୂପେ ମନୋନୀତ କରାଯାଇଥିବା ବେଳେ, ମଦନ ମୋହନ ପାତ୍ରଙ୍କୁ ଆବାସ, ଦୁର୍ଗାଚରଣ ମହାରଣା ଓ ସମସ୍ତ ମହିଳା ମଣ୍ଡଳ ଓ ସମୟ ଦାନୀଙ୍କୁ ନିର୍ମାଣ, ନଳିନୀ କାନ୍ତ ନାଥ ଓ ଅରୁଣ ପୂଝାରୀଙ୍କୁ ଭୋଜନଶାଳା, ନଳିନୀ ପୁଝାରୀ, ବସନ୍ତ ଦାଶ, ପ୍ରତିମା କାଲୋଙ୍କୁ ପ୍ରଚାର ପ୍ରସାର ଦାୟିତ୍ୱ ଦିଆଯାଇଛି । ପବିତ୍ର ମୋହନ ବିଶି, ମୋହନ ଚରଣ ଧର, ବଡ଼ ଗୟାଁ ଶିବନାରାୟଣ ଶତପଥୀ, କୈଳାଶ ଅଗ୍ରୱାଲାଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ରୂପେ ରଖା ଯାଇଛି ।




## 'ଜନସମୀକ୍ଷା'ର ବାର୍ଷିକ ଉତ୍ସବ



ସମ୍ବଲପୁର : ସାପ୍ତାହିକ 'ଜନସମୀକ୍ଷା'ର ୪୩ତମ ବାର୍ଷିକ ଉତ୍ସବ ଶ୍ରୀ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଡାକ୍ତର ରମାବଲ୍ଲଭ ମିଶ୍ର ମୁଖ୍ୟ ଅତିଥି, ପ୍ରଫୁଲ୍ଲ ହୋତା, ବେଣୁଧର ଦାଶ ଓ କାର୍ତ୍ତିକ ପ୍ରସାଦ ବହିଦାର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପତ୍ରିକାର ସମ୍ପାଦିକା ସବିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଜନସମୀକ୍ଷା ପରିବାର ପକ୍ଷରୁ ସମାଜ ସେବା ପାଇଁ ଅରବିନ୍ଦ ମହାପାତ୍ର, ବେଣୁଧର ଦାଶ, କବୟିତ୍ରୀ ମମତା ନାଥ ଏବଂ ଯୁବ ସମାଜସେବୀ ଅବିନାଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ନାସିକ୍ ଅଭିମୁଖେ ବାହାରିଲା ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରୀ ଟ୍ରେନ୍





ସମ୍ବଲପୁର: ସମ୍ବଲପୁର ରେଳ ଷ୍ଟେସନରୁ ସମ୍ବଲପୁର, ଅନୁଗୁଳ ଦେଓଗଡ, ସୁବର୍ଣ୍ଣପୁର, ବରଗଡ, ସୁନ୍ଦରଗଡ଼, ଝାରସୁଗୁଡା ଏବଂ ବଲାଙ୍ଗୀର ଜିଲ୍ଲାରୁ ମୋଟ ୯୭୦ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଶିରିଡି-ନାଶିକ ଯାଉଥିବା ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନକୁ ଆଭାବୀ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରେନ ଯାତ୍ରାର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ଏଠାରେ ଆୟୋଜିତ ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼କ୍ଟର ସୁରେଶ ଚନ୍ଦ୍ର ଦଳାଇ, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲ୍ଲାପାଳ ଅନନ୍ୟା ଦାସ, ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଉପସ୍ଥିତ ରହି ତୀର୍ଥ ଯାତ୍ରୀ ମାନଙ୍କୁ ଶୁଭକାମନା ଜଣାଇଥିଲେ । ତୀର୍ଥଯାତ୍ରୀ ଯୋଜନାରେ ୫ ଜଣ ବରିଷ୍ଠ ନାଗରିକଙ୍କୁ ଅତିଥି ମାନଙ୍କ ଦ୍ୱାରା ଡମି ଟିକେଟ ଓ କିଟ ବ୍ୟାଗ ଦିଆଯାଇଥିଲା । ତୀର୍ଥଯାତ୍ରୀ ମାନେ ୫ ଦିନ ଶିରିଡି -ନାଶିକ ଆଦି ବୁଲି ୨୧ ମାର୍ଚ୍ଚ ରେ ଫେରିବେ । ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇ.-ଆରସିଟିସି ପକ୍ଷରୁ ତୀର୍ଥଯାତ୍ରୀ ମାନଙ୍କ ପାଇଁ ପରିବହନ ଓ ପ୍ରତ୍ୟାବର୍ତ୍ତନର ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା ଖାଦ୍ୟ ଆଦିର ବ୍ୟବସ୍ଥା କରାଯାଇଛି । ଏଥି ସହ ଟ୍ରେନ ରେ ଜଗୁଆଳି, ଗାଇଡ଼, ଚିକିତ୍ସା ସୁବିଧା ମଧ ଦିଆଯାଇଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra